## ଜିଲ୍ଲା ଓ ପୁଲିସ ପ୍ରଶାସନକୁ ବାଲି ମାଫିଆଙ୍କ ଖୋଲା ଚ୍ୟାଲେଞ୍ଜ

# ପୁଲିସ ଆଗରେ ଖଣି ଅଧିକାରୀଙ୍କୁ ଆକ୍ରମଣ

ପିପିଲି,୧୧।୩(ସମିସ)

ପିପିଲିରେ ବାଲି ମାଫିଆଙ୍କ ଦାଦାଗିରି ବଢ଼ିଚାଲିଛି। ଖଣି ଅଧିକାରୀଙ୍କ ଗାଡ଼ି ଭାଙ୍ଗି ଜିଲ୍ଲା ଓ ପୁଲିସ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଖଣି ଅଧିକାରୀଙ୍କ ସହିତ ପିପିଲି ପୁଲିସ ଟିମ୍ ଉପସ୍ଥିତ ଥିବାବେଳେ ଖମି ଅଧିକାରୀଙ୍କ ସହିତ ବଚସା କରି ଗାଡ଼ି ଭଙ୍ଗାରୁଜା କରିଛନ୍ତି ବାଲି ଚୋରା ଚାଲାଣ କରୁଥିବା ବ୍ୟକ୍ତିମାନେ।

ସୂଚନା ଅନୁସାରେ, ଗତ ୬ ତାରିଖରେ ଜିଲ୍ଲା ପରିଷଦ ବୈଠକରେ ପିପିଲିର ୨୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ପିପିଲିରେ ବେଆଇନ ବାଲିଘାଟ ଚାଲୁଥିବାର ତଥ୍ୟଭିତ୍ତିକ ଅଭିଯୋଗ କରିଥିଲେ। ଏହାକୁ ନେଇ ବାଲିଘାଟକୁ ବନ୍ଦ କରିବା ପାଇଁ ପୁରୀ ଜିଲ୍ଲାପାଳ ଖଣି ଅଧିକାରୀ ସମୀର ମିଶ୍ରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ଚୋରା ବାଲିଘାଟ ଚାଲୁଥିବାର ଖବର ପାଇ ମଙ୍ଗଳବାର ସକାଳ ସାଢ଼େ ୧୧ଟାରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ଏବଂ ପିପିଲି ପୁଲିସ ସହିତ କଥାବାର୍ତ୍ତା ହୋଇ ରାତି ସାଢ଼େ ୧୧ଟାରେ ପିପିଲି ଥାନାରେ ପହଞ୍ଚିଥିଲେ। ସେଠାରୁ ପିପିଲି ନୂଆ ଶାସନ ପଞ୍ଚାୟତରେ ବେଆଇନ ବାଲିଘାଟ ଉପରେ ଖଣି ଅଧିକାରୀ ପୁଲିସ ଟିମ୍ ନେଇ ବିଳମ୍ବିତ ରାତିରେ ଚଢ଼ଉ କରିଥିଲେ। ମାତ୍ର ପୁଲିସ ଏବଂ ଖଣି ଅଧିକାରୀ ବେଆଇନ ବାଲି ଘାଟରେ ପହଞ୍ଚିବା ପୂର୍ବରୁ ଆଗୁଆ ଖବର ପାଇ ମାଫିଆମାନେ ଗାଡ଼ି ସବୁ



ନେଇ ଫେରାର୍ ହୋଇଯାଇଥିଲେ। ଖଣି ଅଧିକାରୀ ଏବଂ ପୁଲିସ ଫେରିବା ବାଟରେ ତାଙ୍କ ଗାଡ଼ିକୁ ଟେକା ପଥର ମାଡ଼ କରି ଭଙ୍ଗାରୁଜା କରାଯାଇଥିଲା। ମାତ୍ର ଖଣି ଅଧିକାରୀ ଗାଡ଼ି ଭିତରେ ବସିଥିବାରୁ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଥିବାର ଖଣି ଅଧିକାରୀ ସମୀର ମିଶ୍ର କହିଛନ୍ତି। ପିପିଲି ଥାନାର ଏଏସ୍ଆଇ ଦୀପକ ସାମଲ ସମସ୍ତ ଘଟଣା ସମ୍ପର୍କରେ ଥାନା ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ଖଣି ଅଧିକାରୀ ବୁଧବାର ସନ୍ଧ୍ୟାରେ ପିପିଲି ଥାନାକୁ ଆସି ଅଭିଯୋଗ କରିଛନ୍ତି। ମାତ୍ର ପୁଲିସ ଏ ସମ୍ପର୍କରେ ମୁହଁ ଖୋଲୁନାହିଁ।

ପିପିଲିରେ ମାଳମାଳ ବେଆଇନ ବାଲି ଘାଟ ଚାଲୁଥିବାର ପୂର୍ବରୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସିଛି ବିଜେଡି। ପିପିଲିରେ ବାଲି ମାଫିଆଙ୍କ ରାଜ୍ ଚାଲିବା ସହିତ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ତେବେ ପିପିଲିରେ ବେଆଇନ ବାଲି ଘାଟ ଚଳାଉଥିବା ମାଫିଆଙ୍କ ବିରୋଧରେ ପ୍ରଶାସନ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହାକୁ ଅପେକ୍ଷା। ସେପଟେ ଏହି ଆକ୍ରମଣ ପରେ ଖୁବ୍ ଭୟଭୀତ ଥିବାବେଳେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଖଣି ଅଧିକାରୀ ସମୀର ମିଶ୍ର କହିଛନ୍ତି।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

କଣାସ,୧୧।୩(ସମିସ): କଣାସ ବ୍ଲକ୍‌ର ଅଣ୍ଡାଳସିଂହ ନିକଟରେ ବୁଧବାର ସନ୍ଧ୍ୟାରେ ବାଇକ୍ ଯୋଗେ ଦୁଇ ଜଣ ଯୁବକ ଆସୁଥିବାବେଳେ ଗୋଟିଏ କାର୍ (ଓଡି ୦୨ବି ଜେ ୧୩୬୮) ସେମାନଙ୍କୁ ଧକ୍କା ଦେବାରୁ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସତ୍ୟବାଦୀ ମଧୁବନ ଅଞ୍ଚଳର ନାରାୟଣ ସାହୁ। ଅନ୍ୟ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ କଣାସ ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଜବତ କରି ତଦନ୍ତ ଚଳାଇଛି।

## ଡାକଘର ବାରଣ୍ଡା ପାଲଟିଛି ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ




ଚାରିଛକ,୧୧।୩(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ଶାଖା ଡାକଘର ବାରଣ୍ଡା ବର୍ତ୍ତମାନ ପାଲଟିଛି ନିଶଆଡ଼ିଙ୍କ ଆଡ୍ଡାସ୍ଥଳୀ। ଦୈନିକ ସନ୍ଧ୍ୟା ହେଲେ ନିଶାଡ଼ିମାନେ ଏଠାରେ ମଦ ପିଇବା ସହିତ ଖାଲି ବୋତଲ, ପାଣି ବୋତଲ ସମେତ ବିଭିନ୍ନ ସାମଗ୍ରୀ ଏଠାରେ ପକାଇଦେଇ ପଳାଉଛନ୍ତି। ଯାହା ଫଳରେ ଏଠାକାର ପରିବେଶ ପ୍ରଦୂଷଣ ହେଉଛି। ଡାକଘରକୁ ଆସୁଥିବା ଲୋକମାନେ ଏହା ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି। ସନ୍ଧ୍ୟା ହେଲେ ସେଠାରେ ମଦୁଆଙ୍କ ଉପଦ୍ରବ ଯୋଗୁଁ ଉକ୍ତ ରାସ୍ତା ଦେଇ ବିଭିନ୍ନ ଗ୍ରାମର ଲୋକମାନେ ଯାତାୟାତ କରିବାକୁ ଉଚିତ୍ ମନେ କରୁନାହାନ୍ତି। ସ୍ଥାନୀୟ ପୁଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କଂଗ୍ରେସରେ ଯୋଗଦେଲେ ସତ୍ୟବ୍ରତ ପାତ୍ର




ଗୋପ,୧୧।୩(ସମିସ): ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର (ରମ୍ମ) ବିଧିବଦ୍ଧ ଭାବେ ପୁନରାୟ କଂଗ୍ରେସରେ ଯୋଗଦେଇଛନ୍ତି। ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଶ୍ରୀ ପାତ୍ର କଂଗ୍ରେସରେ ଯୋଗ ଦେବା ପରେ ନିମାପଡ଼ା-କାକଟପୁର ମଣ୍ଡଳୀରେ ଥିବା ହଜାର ହଜାର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସତ୍ୟବ୍ରତ ଜଣେ ସୁସଂଗଠକ, ପରୋପକାରୀ, ସମାଜସେବୀ ଭାବେ ନିମାପଡ଼ା, ଗୋପ, କୋଣାର୍କ, ଅସ୍ତରଙ୍ଗ, କାକଟପୁର ଅଞ୍ଚଳରେ ବେଶ୍ ଚର୍ଚ୍ଚିତ ଚେହେରା। ଗତ ନିର୍ବାଚନ ସମୟରେ ଦଳୀୟ ଅସନ୍ତୋଷ କାରଣରୁ ସେ କଂଗ୍ରେସ ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ୍ ହୋଇଥିଲେ। ଫଳରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲା। ପୁନରାୟ ଶ୍ରୀ ପାତ୍ର ଯୋଗଦେବା ପରେ କର୍ମୀଙ୍କ ମଧ୍ୟରେ ଉତ୍ସାହର ଲହରୀ ଖେଳିଯାଇଛି।

## ବଳଙ୍ଗା ପଞ୍ଚୁଦୋଳ ଯାତ୍ରା ଉଦ୍‌ଯାପିତ

ବଳଙ୍ଗା,୧୧।୩(ସମିସ): ପଶ୍ଚିମାଶମ୍ଭୁ ବକ୍ରେଶ୍ୱର ଦେବଙ୍କ ଚାରି ଦିନ ବ୍ୟାପୀ ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ହରିହର ଭେଟ ପରେ ଉଦ୍‌ଯାପିତ ହୋଇଯାଇଛି। ୨୨ ଗୁଣ୍ଠ ମେଳଣ ପଡ଼ିଆ ଗ୍ରାମ ଶେଷ ପ୍ରାନ୍ତ ଚନ୍ଦନ ପୋଖରୀ ନିକଟରେ ପଞ୍ଚମୁଣ୍ଡି ବିମାନ ଓ ପାଲିଙ୍କିରେ ବିରାଜମାନ କରିଥିବା ଚଳନ୍ତି ପ୍ରତିମା ବାଙ୍କନାଥ, ଚନ୍ଦ୍ରଶେଖର, ଗୋପାଳଜୀଉଙ୍କ ସହିତ ବଡ଼ଭାଇ ସିଦ୍ଧେଶ୍ୱର, ଚନ୍ଦ୍ରାଦେଇପୁର ବାଲୁଙ୍କେଶ୍ୱର ଲକ୍ଷ୍ମୀନାରାୟଣ, ତରବୋଇ ନୀଳକଣ୍ଠେଶ୍ୱର, ମୈଜୁବେଗ ସାନ ମଠ ରାଧାକୃଷ୍ଣ, ଗୋକୋନ ଗୋକର୍ଣ୍ଣେଶ୍ୱରଙ୍କ ସହିତ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ବାହକମାନେ ବିମାନଗୁଡ଼ିକ କାନ୍ଧରେ ରଖି ଠାକୁରମାନଙ୍କୁ ମୁହାଁମୁହିଁ ଭେଟ କରି କନକ ବେଦୀ ଚାରିପଟେ ୭ ଘେରା ପ୍ରଦକ୍ଷିଣ ପୂର୍ବକ ବିଦାୟ ଦେଇଥିଲେ। ପରମ୍ପରା ଅନୁଯାୟୀ ବଡ଼ଭାଇ ସିଦ୍ଧେଶ୍ୱର ବେରବୋଇସ୍ଥ ମନ୍ଦିରକୁ ଅବାଟରେ ପ୍ରତ୍ୟାବର୍ତ୍ତନ କରିଥିଲେ। ନିମାପଡ଼ା, ପିପିଲି, ସତ୍ୟବାଦୀ, ଜୟଦେବ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରୁ ହରି ଓ ହରଙ୍କ ଚଳନ୍ତି ପ୍ରତିମା ୯୪ଟି ଦୋଳ ବିମାନ ପାଲିଙ୍କିରେ ଆସି ଦେବସଭାରେ ଯୋଗଦେଇଥିଲେ। ହରିହର ଭେଟ ପରମ୍ପରା ଜନମାନସରେ ଭାଇଚାରାର ସମ୍ପର୍କ ଅକ୍ଷୁର୍ଣ୍ଣ ରଖିବା ପ୍ରେରଣା ଦେଇଥାଏ। ଥାନା ଅଧିକାରୀ ସସ୍ମିତା ସାହୁ, ଆରକ୍ଷୀ ବଳ, ମେଳଣ ପରିଚାଳନା କମିଟି ଉପଦେଷ୍ଟା ସୁବାସ ଚନ୍ଦ୍ର ପତି, ସଭାପତି ପ୍ରଫୁଲ୍ଲ ପ୍ରଧାନ, ସମ୍ପାଦକ ବଳଭଦ୍ର ଜେନା କମିଟିର ସମସ୍ତ ସଦସ୍ୟଙ୍କ ଉଦ୍ୟମ ଗ୍ରାମବାସୀ, ଜନସାଧାରଣଙ୍କ ସହଯୋଗ କ୍ରମେ ଶାନ୍ତି ଶୃଙ୍ଖଳା ସହିତ ପଞ୍ଚୁଦୋଳ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି।

## ରମେଶ ପ୍ରହରାଜ ପୁରୀ ମ୍ୟୁନିସିପାଲିଟି ନଗର ବିଜେଡି ସଭାପତି

ଭୁବନେଶ୍ୱର,୧୧।୩(ସମିସ): ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ମ୍ୟୁନିସିପାଲିଟି ନଗର ସଭାପତି ଭାବେ ରମେଶ ପ୍ରହରାଜଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହିତ ବାଲେଶ୍ୱର ଜିଲ୍ଲା ସୋର ମ୍ୟୁନିସିପାଲିଟିର ନଗର କାର୍ଯ୍ୟକାରୀ ସଭାପତି ଭାବେ ଲୋକନାଥ ରାଉତଙ୍କୁ ଦାୟିତ୍ୱ ଦିଆଯାଇଥିବା ନେଇ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

## ଯୁଦ୍ଧ ଭୂଇଁରୁ ଫେରିଲେ ଓଡ଼ିଆ ପୁଅ

ପୁରୀ,୧୧।୩(ସମିସ): ମଧ୍ୟପ୍ରାଚ୍ୟରେ ଲାଗିରହିଛି ଯୁଦ୍ଧର ଘନଘଟା। ଦିନ ଯେତେ ଗଡୁଛି ଯୁଦ୍ଧ ସେତେ ତୀବ୍ର ହେବାରେ ଲାଗିଛି। ବାହାରିନ୍, ସାଉଦିଆରବ, ୟୁଏଇ ଉପରେ ଇରାନର ଡ୍ରୋନ୍ ମାଡ଼ ଜାରି ରହିଛି। ତେବେ ୧୧ ଦିନ ଧରି ବାହାରିନ୍‌ରେ ଆତଙ୍କିତ ଅବସ୍ଥାରେ ଥିବା ଓଡ଼ିଆ ପୁଅ ସିଦ୍ଧାନ୍ତ ମିଶ୍ର ବୁଧବାର ଫେରିଛନ୍ତି ଭାରତ। ବେଙ୍ଗାଲୁରୁ ବିମାନ ବନ୍ଦରରେ ପହଞ୍ଚିବା ପରେ ସେ ଭାରତର ପ୍ରଧାନମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ତାଙ୍କ କମ୍ପାନୀ କେପିଏମ୍‌ଜିର ବରିଷ୍ଠ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗତ ୨୮ ତାରିଖରେ ଇରାନ ବାହାରିନର ଜୁଫେୟାର ଅଞ୍ଚଳରେ ଥିବା ଆମେରିକାର ଏୟାର ବେସ୍‌ରେ ଆକ୍ରମଣ କରିଥିଲା। ଏହି ବେସ୍‌ଠାରୁ ମାତ୍ର ଗୋଟିଏ କିଲୋମିଟର ଦୂରରେ ଥିବା ହୋଟେଲରେ ରହୁଥିଲେ ପୁରୀ ଜିଲ୍ଲା ବୀରହରେକୃଷ୍ଣପୁର ଗ୍ରାମର ସଫ୍ଟୱେର ଇଞ୍ଜିନିୟର ସିଦ୍ଧାନ୍ତ ମିଶ୍ର (ସିକନ)। ଭୟ ଓ ଆତଙ୍କ ଭିତରେ ତିନି ତିନିଟା ହୋଟେଲ ବଦଳାଇବା ସହ ୪ ଦିନ ଧରି ଅଖିଆ ଅପିଆରେ ରହିଥିଲେ। ଏୟାର ସ୍ପେସ୍ ବନ୍ଦ ଯୋଗୁଁ ଭାରତ ସରକାର ମଧ୍ୟ ହାତ ଟେକି ଦେଇଥିଲେ। ହେଲେ ପରେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତତ୍ପରତା, ବାହାରିନ ଏବଂ ସାଉଦୀ ସରକାରଙ୍କ ଉଦ୍ୟମ ବଳରେ ସେମାନଙ୍କୁ ମିଳିଥିଲା ସାଉଦୀର ଟ୍ରାଞ୍ଜିଟ ଭିସା। ପରେ ସାନାବିସରୁ ଗାଡ଼ିରେ ଦମମ ବିମାନ ବନ୍ଦର, ଦମମରୁ ବିମାନରେ ପହଞ୍ଚିଥିଲେ ଜେଦାହ। ଆଉ ଜେଦାହରୁ ବେଙ୍ଗାଲୁରୁ ଅଭିମୁଖେ ବାହାରିଥିଲା ବିମାନ। ବୁଧବାର ପୂର୍ବାହ୍ଣ ୧୦ଟା ୪୫ରେ ସିଦ୍ଧାନ୍ତ ଏବଂ ତାଙ୍କର ଆଉ ତିନି ସାଥି ପହଞ୍ଚିଥିଲେ ଭାରତ ମାଟିରେ। ଏହି ୧୧ଦିନର ଯନ୍ତ୍ରଣା ଓ କଷ୍ଟକୁ ନେଇ କାନ୍ଦି ପକାଇଥିଲେ ସିଦ୍ଧା। ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦରୁ ଆମ ମାଟକୁ ଫେରିପାରିଛୁ ବୋଲି କହିଥିଲେ।

## ମଣ୍ଡିରେ ଧାନ କ୍ରୟରେ ବିଳମ୍ବ; ଚାଷୀ ହନ୍ତସନ୍ତ



ସାକ୍ଷୀଗୋପାଳ,୧୧।୩(ସମିସ): ସତ୍ୟବାଦୀ ବ୍ଲକ୍‌ରେ ଥିବା ୧୭ଟି ସମବାୟ ସମିତିରେ ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ମିଲରଙ୍କ ଜରିଆରେ ଧାନ କିଣାରେ ବିଳମ୍ବ ଯୋଗୁଁ ଏବେ ବି ଶହଶହ ଚାଷୀଙ୍କ ପାଖରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ି ରହିଛି। ତନ୍ମଧ୍ୟରୁ ଟୋକନ ପାଇଥିବା ଚାଷୀମାନେ ଧାନ ବିକ୍ରୟ ଆଶାରେ ନିଜ ନିଜର ବସ୍ତା ବସ୍ତା ଧାନ ନିଜ ଧାନ ଖଳାରେ କିମ୍ବା ସେବା ସମବାୟ ସମିତି ମଣ୍ଡିରେ ଗଦା କରି ରଖିଛନ୍ତି। ଚଳିତ ବର୍ଷ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ୧୭ଟି ସେବା ସମବାୟ ସମିତିରେ ଧାନ ବିକ୍ରୟ ନିମନ୍ତେ ୫୪୪୦ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଏହି ଚାଷୀମାନେ ୧ ଲକ୍ଷ ୯୬ ହଜାର ୨୪୮ କ୍ୱିଣ୍ଟାଲ ଧାନ ବିକ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୫୪୦୭ ଜଣ ଚାଷୀ ଧାନ ବିକ୍ରୟ କରିବା ନିମନ୍ତେ ୫୪୭୪ ଟୋକନ ପାଇଥିଲେ। ବର୍ତ୍ତମାନ ସୁଦ୍ଧା ୩୨୭୩ଟି ଟୋକନ ପାଇଥିବା ଚାଷୀଙ୍କଠାରୁ ୧ ଲକ୍ଷ ୧୪ ହଜାର ୭୧୬ କ୍ୱିଣ୍ଟାଲ ଧାନ କ୍ରୟ ହୋଇ ସାରିଛି। ବର୍ତ୍ତମାନ ସୁଦ୍ଧା ୨୨୦୧ ଟୋକନ୍ ପାଇଥିବା ଚାଷୀଙ୍କଠାରୁ ୮୧ହଜାର ୫୩୬ କ୍ୱିଣ୍ଟାଲ ଧାନ କ୍ରୟ ହୋଇପାରିବ। ସରକାରୀସ୍ତରରେ ଧାର୍ଯ୍ୟ ହୋଇଥିବା ଧାନ ତୁରନ୍ତ କ୍ରୟ କରିବା ନିମନ୍ତେ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ ସମ୍ପାଦକ ପୁରୁଷୋତ୍ତମ ନାୟକଙ୍କୁ ପଚାରିବାରୁ ସରକାର ଟୋକନ ଅବଧି ୧୫ ଦିନ ବୃଦ୍ଧି କରିଛନ୍ତି। ଏହି ସମୟସୀମା ମଧ୍ୟରେ ସମସ୍ତ ଧାନ କ୍ରୟ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଗୋପ ଅଞ୍ଚଳରେ ବଢ଼ିଚାଲିଛି ବେଆଇନ ମାଟି ଚାଲାଣ



ଗୋପ,୧୧।୩(ସମିସ): ଗୋପ ତହସିଲ୍ ଅଞ୍ଚଳରେ ଦିନକୁ ଦିନ ବେଆଇନ ମାଟି ଓ ବାଲି ଚୋରା ଚାଲାଣ ବଢ଼ିବାରେ ଲାଗିଛି। କେତେକ ରାଜସ୍ୱ କର୍ମଚାରୀଙ୍କୁ ହାତ କରି ସରକାରୀ ଜାଗାରୁ ମଧ୍ୟ ଦିନ ଓ ରାତିରେ ବେଆଇନ ଭାବେ ଶହଶହ ଟ୍ରିପ୍ ମାଟି ଚାଲାଣ ହେଉଛି। ମାଟି ମାଫିଆମାନେ ଚୋରା ମାଟି ବାଲି ବିକ୍ରି କରି ବେଶ୍ ମୁନାଫା କମାଉଥିବାବେଳେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଛି। ସରକାରୀ କାର୍ଯ୍ୟକୁ ମାଟି ମିଳୁ ନ ଥିବାବେଳେ ବେଆଇନ୍ ଭାବେ ମାଟି ମାଫିଆମାନେ ସରକାରୀ ଜାଗାରୁ ବେନିୟମ ଭାବେ ମାଟି ଉଠାଉଥିବା ଦେଖିବାକୁ ମିଳିଛି। ବୁଧବାର ଧନୁଆ ନଦୀପଠାରୁ ବେଆଇନ ଭାବେ ମାଟି ଉଠାଣ ହେଉଥିବା ନେଇ ଗୋପ ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାଶ ଖବର ପାଇବା ପରେ ଅତର୍କିତ ଭାବେ ଚଢ଼ଉ କରି ଗୋଟିଏ ଜେସିବି ମେସିନ ସହ ଏକ ଟ୍ରାକ୍ଟରକୁ ଜବତ କରିଥିବା ଜଣାପଡ଼ିଛି। ତେବେ ମାଟି ଉଠା କାର୍ଯ୍ୟରେ ନିୟୋଜିତ ଥିବା ୫/୬ଟି ଟ୍ରାକ୍ଟର ତହସିଲ୍‌ଦାରଙ୍କୁ ଦେଖି ଖସି ପଳାଇଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ସ୍ପଷ୍ଟ ଦିବାଲୋକରେ ସାରଡ଼ା, ବନାଖଣ୍ଡି, ଗଣେଶ୍ୱରପୁର, ନାଗପୁର, ଗୋପ ଆଦି ଅଞ୍ଚଳରେ ବେନିୟମ ଭାବେ ସରକାରୀ ଜାଗାରୁ ଘରୋଇ ଜାଗାକୁ ମାଟି ଉଠାଣ କରାଉଥିବାବେଳେ ରାଜସ୍ୱ ବିଭାଗ ନିରବଦ୍ରଷ୍ଟା ପାଲଟିଛି। ଏହା ଉପରେ ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ




ସାକ୍ଷୀଗୋପାଳ,୧୧।୩(ସମିସ): କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଠଚକ୍ର ପ୍ରକୋଷ୍ଠରେ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ବିଷୟ ବିଶେଷଜ୍ଞ ଭାବରେ ଓଡ଼ିଶାର ପ୍ରଖ୍ୟାତ ଭାଷାବିଜ୍ଞାନୀ ପ୍ରଫେସର ହରପ୍ରସାଦ ମିଶ୍ର ଯୋଗଦେଇଥିଲେ। ପ୍ରଥମେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଦୀପ ପଜ୍ୱଳନ ଓ ମାଲ୍ୟାର୍ପଣ ଅତିଥି ଓ କୁଳପତିଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ପରେ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସଂସ୍କୃତ ଯେ କେବଳ ଓଡ଼ିଆ ଭାଷାର ଜନନୀ ତାହା ନୁହେଁ ବରଂ ସର୍ବଭାରତୀୟ ସ୍ତରରେ ପ୍ରଚଳିତ ସମସ୍ତ ଭାଷାର ଜନନୀ ଏହାକୁ ସେ ଦୃଢ଼ ଭାଷାରେ ଘୋଷଣା କରିଥିଲେ। ସଂସ୍କୃତି ଅଧିକାରିଣୀ ଡ. ଲିପିକା ନାୟକ ଓଡ଼ିଆ ଶାସ୍ତ୍ରୀୟ ଭାଷାର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ସଂଶାଧନ ବିଭାଗ ଅଧ୍ୟାପିକା ଡ. ସଙ୍ଗୀତା ଜେନା ଓଡ଼ିଆ ଭାଷା ଏକ ମୌଳିକ ଭାଷା ବୋଲି କହିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା ଶାସ୍ତ୍ରୀୟ ଭାଷାର ଇତିହାସ ଏବଂ ଓଡ଼ିଆ ଭାଷାର ପ୍ରାଚୀନତା ସମ୍ପର୍କରେ ଆଲୋଚନା କରିବା ସହ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ଡ. ଶର୍ମିଷ୍ଠା ମହାପାତ୍ର, ଅତିଥି ଅଧ୍ୟାପିକା ଶୁଭସ୍ମିତା ନାୟକ, ଡ. ମୋନାଲି ଚାଙ୍ଗ, ଡ. ସସ୍ମିତା ଜେନା ଓ ଡ. ଜୟନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

**ଛଅ ମୌଜା ସୁବର୍ଣ୍ଣ ଜୟନ୍ତୀ ପାଲା ଉଦ୍‌ଯାପିତ**

## ଗାୟିକା ଉର୍ମିଳା ସାହୁ ଓ ସାଥି କଳାକାରଙ୍କୁ ସମ୍ବର୍ଦ୍ଧନା



ଅସ୍ତରଙ୍ଗ,୧୧।୩(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ହରି ସହଦେବ ଗୋ-ଗୋଷ୍ଠ ପଡ଼ିଆ ମାଳଦାରେ ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଯୁବ ଉଦ୍ୟୋଗୀ ତଥା ସମାଜସେବୀ ଜଗନ୍ନାଥ ବେହୁରା, ମୁଖ୍ୟବକ୍ତା ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, ସମ୍ମାନିତ ଅତିଥି ସତ୍ୟନାରାୟଣ ସାଂସ୍କୃତିକ ପରିଷଦ ସଭାପତି ରବୀନ୍ଦ୍ର କୁମାର ସାମନ୍ତରାୟ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା ଓ ସହସମ୍ପାଦକ ହରିହର ସେଠୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଲବ୍ଧ ପ୍ରତିଷ୍ଠିତ ଗାୟିକା ବାଗ୍ମିବାଣୀ ଉର୍ମିଳା ସାହୁ ଓ ସାଥି କଳାକାରଙ୍କୁ ସମ୍ବର୍ଦ୍ଧିତ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ପାଲା ଛଅ ମୌଜା ଅଞ୍ଚଳ ସମେତ ଏହାର ଆଖପାଖ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା।

## ଜଙ୍କିଆ ମେଳଣରେ ଗୋଷ୍ଠୀ ସଂଘର୍ଷ; ୨ ଗୁରୁତର

କଣାସ,୧୧।୩(ସମିସ): କଣାସ ଥାନା ଜଙ୍କିଆ ମେଳଣ ପଡ଼ିଆରେ ମଙ୍ଗଳବାର ରାତିରେ ପଞ୍ଚୁଦୋଳ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଗୋଲରା ଏବଂ ଚୁପୁରିଙ୍ଗ ଦୁଇ ଗ୍ରାମର ଯୁବକଙ୍କ ମଧ୍ୟରେ ବଚସାକୁ ନେଇ ଗଣ୍ଡଗୋଳ ଘଟିଥିଲା। ଗଣ୍ଡଗୋଳରେ ଚୁପୁରିଙ୍ଗ ଗ୍ରାମର ଦୁଇ ଜଣ ଯୁବକ ଗୁରୁତର ଭାବେ ଆହତ ହୋଇ ପ୍ରଥମେ କଣାସ ଡାକ୍ତରଖାନା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି। ଚୁପୁରିଙ୍ଗ ଗ୍ରାମ ପକ୍ଷରୁ କଣାସ ଥାନାରେ ଏତଲା ଦିଆଯିବା ପରେ ୬୮/୨୦୨୬ରେ ଏକ ମୋକଦ୍ଦମା ରୁଜୁ କରାଯାଇ ଗୋଲରା ଗ୍ରାମର ଜଣେ ଯୁବକଙ୍କୁ କଣାସ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟମାନେ ଫେରାର୍ ଅଛନ୍ତି।

## ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ; ରୋଗୀ ସେବା ବ୍ୟାଘାତ




ଚାରିଛକ,୧୧।୩(ସମିସ): ପୁରୀ ଜିଲ୍ଲାର ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ୪ଜଣ ଡାକ୍ତର ନିଯୁକ୍ତି ଦିଆଯାଇଥିବା ବେଳେ ସର୍ବପୁରାତନ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ସେଥିରୁ ବାଦ୍ ପଡ଼ିଛି। ରାଜ୍ୟ ସରକାର ଚଳିତ ମାସ ୨ ତାରିଖରେ ଚିଠି ନମ୍ବର ୬୦୯୪ରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୯୩ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବାବେଳେ ସେଥିରୁ ବାଦ୍ ପଡ଼ିଛି ପୁରୀ ଜିଲ୍ଲାର ସର୍ବପୁରାତନ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବରୁ ରୋଗୀସେବାରେ ବ୍ୟାହତ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି।

ପୁରୀ ଜିଲ୍ଲାର ଫାଷ୍ଟ ରେଫରାଲ୍ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପାଇଥିବା ଏହି ଡାକ୍ତରଖାନାକୁ ଚାରିଛକ, ଗୋପ, ନିମାପଡ଼ା, ନିଆଳି, ଜଗତସିଂହପୁର, କାକଟପୁର, ନୟାହାଟ ଆଦି ଅଞ୍ଚଳର ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଟି ବିଶେଷଜ୍ଞ ସମେତ ୧୫ଟି ପଦ ରହିଥିବାବେଳେ ଗୋଟିଏ ସ୍ତ୍ରୀ ରୋଗ ବିଶେଷଜ୍ଞ ଛାଡ଼ିଦେଲେ ସମସ୍ତ ବିଭାଗ ଖାଲିପଡ଼ିଛି। ନୂଆ ଡାକ୍ତର ନିଯୁକ୍ତିରେ ଅଣଦେଖା କରାଯାଇଥିବା ଖବର ଶୁଣିବା ପରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ କହିଛନ୍ତି ଯେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଯଦି ୧ମାସ ମଧ୍ୟରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାର ଡାକ୍ତର ନିଯୁକ୍ତି ନ କରନ୍ତି, ତେବେ ଜନ ଆନ୍ଦୋଳନ କରାଯିବ ବୋଲି ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

## ୫ ହଜାର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ହରିହାଟ କାର୍ଯ୍ୟକ୍ରମ

# ଆଜି ମେଳଣ ଉପବାସ ଓ ହରିହର ଭେଟ

ଡେଲାଙ୍ଗ,୧୧।୩(ସମିସ)

ଓଡ଼ିଶା ପ୍ରଶିଦ୍ଧ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ୍ ହରିରାଜପୁର ପଞ୍ଚୁଦୋଳ ମେଳଣର ଗୁରୁବାର ଗୋଧୂଳିଲଗ୍ନରେ ହରିହର ଭେଟ କରାଯାଇ ଉଦ୍‌ଯାପିତ ହେବ। ଏହି ଦିବସରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଫଗୁ ସିଞ୍ଚନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ମନସ୍କାମନା ପୂରଣ ପାଇଁ ଏହି ଦିବସରେ ଉପବାସ କରିଥିବା ଶ୍ରଦ୍ଧାଳୁମାନେ ଫଗୁ ଅର୍ପଣ କରିବା ସହିତ ପଶ୍ଚିମାଶମ୍ଭୁଙ୍କୁ ଲାଗି କରାଯାଇଥିବା ପାଦୁକ ପାଇବା ପରେ ଉପବାସ ଭଙ୍ଗ କରିବେ। ବୁଧବାର ଚତୁର୍ଥ ଦିବସରେ ବିଧି ଅନୁଯାୟୀ ପଶ୍ଚିମାଶମ୍ଭୁ ଶ୍ରୀସୋମନାଥ ଦେବଙ୍କ ମନ୍ଦିର ଓ ମେଳଣ ପଡ଼ିଆ ଚତୁଃପାର୍ଶ୍ୱ ହରିହାଟ କାର୍ଯ୍ୟକ୍ରମରେ ପ୍ରକମ୍ପିତ ହୋଇଉଠିଥିଲା। ଜଗନ୍ନାଥ ସଂକୀର୍ତ୍ତନ ଓ ଲୋକକଳା ପରିଷଦ ପକ୍ଷରୁ ଆୟୋଜିତ ହରିହାଟ କାର୍ଯ୍ୟକ୍ରମ ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫ ହଜାର ପୁରୁଷ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ବୁଧବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲକ୍ଷାଧିକ ଶ୍ରଦ୍ଧାଳୁ ଖୁଣ୍ଟିଲାଗି ଠାକୁରମାନଙ୍କୁ ବିଭିନ୍ନ ରଙ୍ଗ ବେରଙ୍ଗର ସୁଗନ୍ଧିତ ଫଗୁ ଅର୍ପଣ କରିଥିଲେ। ମାନସିକଧାରୀ, ନୂତନ ଦମ୍ପତି, ଶିଶୁ, ବୃଦ୍ଧବୃଦ୍ଧାମାନେ ଫଗୁ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ପ୍ରଭୁଙ୍କ କୃପାଲାଭ କରିଥିଲେ। ବିମାନଗୁଡ଼ିକରେ ଠାକୁରଙ୍କ ଚଳନ୍ତି ପ୍ରତିମା ଫଗୁରେ ପୋତି ହୋଇଥିବାର ଦେଖିବାକୁ ମିଳିଥିଲା। ଦେବଦେବ ମହାଦେବ ଓ ବିଷ୍ଣୁଙ୍କ ଚଳନ୍ତି ପ୍ରତିମାଙ୍କୁ ବିମାନରେ ବିରାଜମାନ କରି ଆୟୋଜିତ ହେଉଥିବା ଏହି ମେଳଣରେ ସାଧୁସନ୍ଥଙ୍କ ଦ୍ୱାରା କରାଯାଉଥିବା ଧୁନି ଯଜ୍ଞ ଏକ ନିଆରା ପରମ୍ପରା। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ସଂସାରରୁ ଦୁଃଖ ଦୂର କରିବା ଉଦ୍ଦେଶ୍ୟରେ ମା' ବାରଭୁଜା ସାଧୁସନ୍ଥ ମଣ୍ଡଳୀ ପକ୍ଷରୁ ଧୁନି ଯଜ୍ଞ ଆୟୋଜନ କରାଯାଇଥିଲା। ଏହି ଯଜ୍ଞରେ ବିଶ୍ୱ ପ୍ରଶିଦ୍ଧ ମହାକୁମ୍ଭ ମେଳାରେ ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ନାଗା ସାଧୁ ଓ ଖଣ୍ଡଗିରିର ସାଧୁସନ୍ଥଙ୍କ ମିଳିତ ସହଯୋଗରେ ଧୁନିଯଜ୍ଞ ଓ ଆହୁତି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

### ଆକର୍ଷଣୀୟ ଥିଲା ବିଶାଳ ଜଗନ୍ନାଥ ମୂର୍ତ୍ତି ଓ ବୃଷଭ

ମେଳଣ ପଡ଼ିଆରେ ସବୁଠୁ ଆକର୍ଷଣୀୟ ଥିଲା ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବିଶାଳ ମୂର୍ତ୍ତି ଓ ବୃଷଭ। ଭଁସର ଗ୍ରାମର ଆରାଧ୍ୟ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ଦୋଳ ବିମାନ ସମ୍ମୁଖରେ ଥିବା ବିଶାଳ ହାତ ତିଆରି ବୃଷଭ ମୂର୍ତ୍ତି ଆକର୍ଷଣୀୟ ହୋଇଥିଲା। ୮୫ ଦୋଳ ବିମାନ ଖୁଣ୍ଟିଲାଗି ହୋଇଥିବା ସ୍ଥାନରେ ଏକ ବିଶାଳ ଜଗନ୍ନାଥଙ୍କ ମୂର୍ତ୍ତି ସବୁଠାରୁ ଆକର୍ଷଣୀୟ ହୋଇଥିଲା ବେଳେ ଏହାର ଉଚ୍ଚତା ପ୍ରାୟ ୨୦ ଫୁଟ୍ ରହିଥିଲା। ହରିରାଜପୁର ରାମସେନା ଯୁବ ସଂଗଠନ ପକ୍ଷରୁ ନିର୍ମିତ ଜଗନ୍ନାଥଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରିବା ସହିତ ମୋବାଇଲ୍‌ରେ ଫଟୋ ଉଠାଇବା ଓ ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା।

### ବାଣୁଆ କାରିଗରଙ୍କୁ ସମ୍ବର୍ଦ୍ଧନା

ଜମାଣ ଉତ୍ସବରେ ପ୍ରଭୁଙ୍କୁ ନିଃଶୁଳ୍କରେ ବାଣ ଅର୍ପଣ କରୁଥିବା ବାଣୁଆ କାରିଗର ଓ ମାନସିକଧାରୀଙ୍କୁ ହରିରାଜପୁରକୁ ମଞ୍ଚ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥି, ଜିଲ୍ଲା ପରିଷଦ ଧରଣୀଧର ସାହୁ, ପର୍ଶୁରାମ ମହାପାତ୍ର, ବାସନ୍ତୀ ସାହୁ ପ୍ରମୁଖଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଐତିହାସିକ ମେଳଣ ସମ୍ପର୍କରେ ଆଲୋକପାତ କରିଥିଲେ।

୧୧/୩/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୮୪,୨୧୮/- ସୁନା:୦୩.୦୦୦ ଗ୍ରାମ୍ ରୁପା: ୮୯.୮୦୦ ଗ୍ରାମ୍



# ଶ୍ରୀମନ୍ଦିରରେ ଶୃଙ୍ଖଳିତ ହୋଇପାରୁନି ନୀତିକାନ୍ତି

ପୁରୀ,୧୧।୩(ସମିସ)



ଶ୍ରୀମନ୍ଦିର ନୀତିକାନ୍ତି ଶୃଙ୍ଖଳିତ ହୋଇପାରୁନି। ଅନେକ ସମୟରେ ବାଦ ବିବାଦ ପାଇଁ ନୀତିକାନ୍ତିରେ ବିଭ୍ରାଟ ଦେଖାଦେଉଛି। ଏପରି କି, ସେବାୟତଙ୍କ ଭିତରେ ବିବାଦ ହେଉ କିମ୍ବା ସେବାୟତ ଏବଂ ମନ୍ଦିର କର୍ମଚାରୀଙ୍କ ଭିତରେ ବିବାଦକୁ ନେଇ ମହାପ୍ରଭୁଙ୍କ ନୀତିକାନ୍ତି ବନ୍ଦ କରିଦିଆଯାଉଛି। ଗତ ୨୮ ତାରିଖରେ ବି ଏଭଳି ଏକ ବିବାଦ ଘଟିଥିଲା। ପ୍ରୋଟୋକଲ ଦର୍ଶନକୁ ନେଇ ସେବାୟତ ଏବଂ ଜେଟିପିଙ୍କ ମଧ୍ୟରେ ବିବାଦ ଯୋଗୁଁ ପ୍ରାୟ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଠାକୁରଙ୍କ ନୀତିକାନ୍ତି ବନ୍ଦ କରିଦେଇଥିଲେ ସେବାୟତ। ନୀତିକାନ୍ତି ବିଳମ୍ବ ଯୋଗୁଁ ମହାପ୍ରସାଦ ବାହାରିବାରେ ମଧ୍ୟ ବିଳମ୍ବ ହୋଇଥିଲା। ଫଳରେ ବରାଦି ଅବଢ଼ା ବିକ୍ରି ହୋଇପାରି ନ ଥିଲା। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲା ସୁଆର ମହାସୁଆର ନିଯୋଗ। ଏ ନେଇ ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ଦେବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ନିଯୋଗ ଦାବି କରିଥିଲା। ଯଦି ତାଙ୍କୁ କ୍ଷତିପୂରଣ ନ ଦିଆଯାଏ ତେବେ ସେମାନେ ମହାପ୍ରସାଦ ରାନ୍ଧିବା ବନ୍ଦ କରିଦେବେ ବୋଲି ଧମକ ମଧ୍ୟ ଦେଇଥିଲେ। ଏହି ବିବାଦ ପାଇଁ ସେଦିନ ଶ୍ରଦ୍ଧାଳୁ ମହାପ୍ରସାଦ ନ ପାଇ ଫେରିଥିଲେ। ଏମିତି ଘଟଣା ବାରମ୍ବାର ଉପୁଜୁଥିବା ବେଳେ ତିକ୍ତ ଅନିଭୂତି ନେଇ ଫେରୁଛନ୍ତି ଭକ୍ତ। ତେଣୁ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେ ନେଇ ବୁଧବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୀତିକାନ୍ତି ସମ୍ପର୍କୀତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

- ■ ନୀତିକାନ୍ତି ଶୃଙ୍ଖଳା ପାଇଁ କମିଟି ଗଠନ
- ■ ଏଣିକି ପ୍ରତି ବୁଧବାର ବସିବ ବୈଠକ
- ■ ବିଶୃଙ୍ଖଳା କଲେ ତ୍ୱରିତ ହେବ କାର୍ଯ୍ୟାନୁଷ୍ଠାନ

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଯଦି ଠାକୁରଙ୍କ ନୀତିକାନ୍ତି ଠିକ୍ ରୁହେ ତେବେ ଅନ୍ୟସବୁ ବ୍ୟବସ୍ଥା ମଧ୍ୟ ଶୃଙ୍ଖଳିତ ହୋଇପାରିବ। ଅର୍ଥାତ୍ ଯଦି ନିର୍ଘଣ୍ଟ ସମୟରେ ନୀତି ସମ୍ପନ୍ନ ହୁଏ ତେବେ ଭକ୍ତଙ୍କ ଦର୍ଶନ ଏବଂ ମହାପ୍ରସାଦ ମଧ୍ୟ ଠିକ୍ ଭାବେ ବାହାରିପାରିବ। ଫଳରେ ଶ୍ରଦ୍ଧାଳୁମାନେ ଭଲ ଭାବେ ଶ୍ରୀଜୀଉଙ୍କୁ ଦର୍ଶନ ସହ ମହାପ୍ରସାଦ ସେବନ କରି ଆନନ୍ଦରେ ଫେରିପାରିବେ। ତେଣୁ ସମସ୍ତେ ଏଥିପ୍ରତି ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ଶ୍ରୀମନ୍ଦିରରେ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ ସେଥିଲାଗି ଏକ ୩୫ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ଅଧିକାରୀଙ୍କ ସମେତ ବିଭିନ୍ନ ନିଯୋଗର ସେବାୟତ, ପରିଚାଳନା କମିଟି ସଦସ୍ୟ ରହିଛି। ଏଣିକି ପ୍ରତି ବୁଧବାର ଏହି କମିଟିର ବୈଠକ ବସି ନୀତିକାନ୍ତି କିପରି ଶୃଙ୍ଖଳିତ ହେବ ଏବଂ ଭକ୍ତମାନେ ଭଲ ଭାବେ ଦର୍ଶନ କରି ଠିକ୍ ସମୟରେ କିପରି ମହାପ୍ରସାଦ ପାଇବେ ତା' ଉପରେ ଆଲୋଚନା ସହ ଯୋଜନା ପ୍ରସ୍ତୁତ ହେବ। ସେହି ଯୋଜନା ୭ ଦିନ ଭିତରେ କେତେଦୂର କାର୍ଯ୍ୟକାରୀ ହୋଇଛି ତାହା ପର ବୈଠକରେ ତର୍ଜମା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏତଦ୍‌ବ୍ୟତୀତ ଯେଉଁମାନେ ନୀତିକାନ୍ତିରେ ବିଶୃଙ୍ଖଳା ସୃଷ୍ଟି କରିବେ, ଠାକୁରଙ୍କ ନୀତି ବନ୍ଦ କରିଦେବେ ଏବଂ ଜାଣିଶୁଣି ନୀତିକାନ୍ତିରେ ବିଳମ୍ବ ଏବଂ ବିଭ୍ରାଟ କରିବେ ସେମାନଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଅମିତ୍ ଦାସମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୂତନ ଭାବେ ନୀତି ପ୍ରଶାସକ ଦାୟିତ୍ୱ ଦେଇଥିବା ପ୍ରିୟରଞ୍ଜନ ପୃଷ୍ଟିଙ୍କ ସେମତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପରିଚାଳନା କମିଟି ସଦସ୍ୟ ଏବଂ ବିଭିନ୍ନ ନିଯୋଗର ସେବାୟତ ଯୋଗଦେଇଥିଲେ।

### ବେହେରଣ ଦ୍ୱାରରେ ବାନ୍ତି

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୧।୩(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ବେହେରଣ ଦ୍ୱାର ନିକଟରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ମଙ୍ଗଳବାର ଭୋର୍ ୫ଟା ୩୫ରେ ଦ୍ୱାର ଫିଟିଥିଲା। ୬ଟା ୩୦ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିଥିଲା। ଅପରାହ୍ଣ ୪ଟା ୫ରେ ମଧ୍ୟାହ୍ନ ଧୂପ ସରିବା ପରେ ଭକ୍ତମାନେ ଭିତରକାଠକୁ ଯାଇ ଦର୍ଶନ କରୁଥିଲେ। ୫ଟା ୫୦ରେ ଦକ୍ଷିଣୀ ଘର ଭୋଗ ଶେଷ ପରେ ଜଣେ ଭକ୍ତ ଭିତରକାଠ ବେହେରଣ ଦ୍ୱାର ନିକଟରେ ବାନ୍ତି କରିଦେଇଥିଲେ। ଏହାପରେ ସେହିଠାରେ ନୀତି ଅଟକାଯାଇ ବଡ଼ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ରାତି ୮ଟା ୫ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୮ଟା ୧୦ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକାଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

# ଛିଣ୍ଡିଲା ମାନସିକ ବାନା

ପୁରୀ,୧୧।୩(ସମିସ): ଲଗାତାର ଦୁଇଦିନ ଧରି ଶ୍ରୀମନ୍ଦିର ନୀଳଚକ୍ର ଉପରେ ଲାଗିଥିବା ପତିତପାବନ ବାନା ଉପରେ ଚିଲ ଦୀର୍ଘ ସମୟ ବସିଥିଲେ। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଆଲୋଚନା ଭିତରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ନୀଳଚକ୍ର ସହ ସଂଯୋଗ ହୋଇ ରହୁଥିବା ମାଳମାଳ ମାନସିକ ବାନା ବୁଧବାର ଛିଣ୍ଡିଯାଇଛି। ଏହା ଶୁଭ ସଙ୍କେତ ନା ଅଶୁଭ ସଙ୍କେତ ତାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ବୁଧବାର ଅପରାହ୍ଣରେ ଚୁନରା ସେବକମାନଙ୍କ ଦ୍ୱାରା ପ୍ରତିଦିନ ଭଳି ବାନା ପରିବର୍ତ୍ତନ



କରାଯାଉଥିଲା। ମାନସିକ ବାନାକୁ ଚୁନରା ସେବକମାନେ ନୀଳଚକ୍ରରେ ବାନ୍ଧୁଥିବାବେଳେ ଏହା ଛିଡ଼ି ପଡ଼ିଥିବା ଦେଖିବାକୁ ମିଳିଥିଲା। ପରେ ଏହି ମାଳମାଳ ମାନସିକ ବାନାକୁ ପୁନଃ ନୀଳଚକ୍ର ସହ ସଂଯୋଗ କରାଯାଇଥିଲା। ସୂଚନାଥାଉ କି, କିଛିଦିନ ହେବ ପତିତପାବନ ବାନା ଉପରେ ଚିଲ ବସୁଥିବାବେଳେ ବୁଧବାର ଏଭଳି ଘଟଣା ସମସ୍ତଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ କେହିକେହି ଏହାକୁ ଅଶୁଭ ସଙ୍କେତ କହୁଥିବାବେଳେ ମାତ୍ରାଧିକ ପବନର ବେଗ ଯୋଗୁଁ ଏହା ଛିଡ଼ି ଯାଇଥିବା ଅନେକ କହୁଛନ୍ତି।

# ସଦାଶିବ ପରିସରରେ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ



ପୁରୀ,୧୧।୩(ସମିସ): ସ୍ଥାନୀୟ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ହିନ୍ଦୁ ଅଧ୍ୟୟନ କେନ୍ଦ୍ର ପକ୍ଷରୁ "ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠାରେ ହିନ୍ଦୁ ଧର୍ମର ପ୍ରାସଙ୍ଗିକତା' ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ପରିସରର ନିର୍ଦ୍ଦେଶକଙ୍କ ସମେତ ବିଶିଷ୍ଟ ଶିକ୍ଷାବିତ୍ ଓ ଅତିଥିମାନେ ଯୋଗଦେଇ "ବସୁଧୈବ କୁଟୁମ୍ବକମ୍' ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ପ୍ରାରମ୍ଭରେ ଛାତ୍ରମାନଙ୍କ ଦ୍ୱାରା ବୈଦିକ ମଙ୍ଗଳାଚରଣ, ରାଷ୍ଟ୍ରଗୀତ ଓ କୁଳଗୀତ ଗାନ କରାଯାଇଥିଲା।

ଡ. ଜିତେନ୍ଦ୍ର ରାୟଗୁରୁ ସ୍ୱାଗତ ଭାଷଣ ଦେଇଥିବାବେଳେ ହିନ୍ଦୁ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ଡ. ସନ୍ଦୀପ ଚାଟାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ଡ. ଦୁର୍ଗାପ୍ରସାଦ ଦାଶଶର୍ମା, ପ୍ରଫେସର ଖଗେଶ୍ୱର ମିଶ୍ର (କୁଳିକା ଭାଷଣ), ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁଦେଶ କୁମାର ଶର୍ମା ଏବଂ ସାରସ୍ୱତ ଅତିଥି ଭାବେ ଡ. ଚକ୍ରଧର ମେହେର ଯୋଗଦେଇଥିଲେ। ପ୍ରଫେସର ପ୍ରଭାତ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଡ. ସିଦ୍ଧାର୍ଥ ଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ହିନ୍ଦୁ ଦର୍ଶନରେ ବିଶ୍ୱ ମାନବବାଦ, ଧର୍ମ ଓ ସାମାଜିକ ସଦ୍‌ଭାବନା ଏବଂ ଆନ୍ତଃଧର୍ମୀୟ ସଂଳାପ ଭଳି ବିଭିନ୍ନ ଉପ ବିଷୟବସ୍ତୁ ଉପରେ ଦେଶ ବିଦେଶର ଗବେଷକ ଓ ବିଦ୍ୱାନମାନେ ନିଜର ପ୍ରବନ୍ଧ ଉପସ୍ଥାପନ କରିବେ। ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ମାଧ୍ୟମରେ ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି।

# ୭ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୩ ଗିରଫ

ପୁରୀ,୧୧।୩(ସମିସ): ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁରୀ ପୁଲିସ ପକ୍ଷରୁ ଜାରି ରହିଥିବା ଅପରେସନ ଚକ୍ରକୁ ମିଳିଛି ଏକ ସଫଳତା। କୁମ୍ଭାରପଡ଼ା ଥାନା ପୁଲିସ ୭ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିବାବେଳେ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ତାଳବଣିଆ ମଧୁସୂଦନ ନଗରର ରୋନିତରାଜ ରାଉତ, ତାଳବଣିଆ ଲାବଣ୍ୟ ନଗରର ବସନ୍ତ ମହାନ୍ତି ଏବଂ କୁମ୍ଭାରପଡ଼ା ବାଘଆଖେଡ଼ା ଲେନ୍‌ର ଜିତେନ୍ଦ୍ର ବେହେରା। ଅଭିଯୋଗ ଅନୁଯାୟୀ, ବୁଧବାର ବିଶେଷ ସୂତ୍ରରୁ ଖବର ପାଇ ପାଟ୍ରୋଲିଂ କର୍ମଚାରୀ ବାନାମ୍ବର ଛକ ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ଉକ୍ତ ୩ ଅଭିଯୁକ୍ତ ବାଇକ୍‌ରେ ଆସୁଥିବାବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଯାଞ୍ଚବେଳେ ସେମାନଙ୍କଠାରୁ ୭ ଗ୍ରାମ୍ ଧଳାଜହର(ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ), ୬୩୦୦ ଟଙ୍କା ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ଭେଟିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

# ଶ୍ରୀମନ୍ଦିରର ସଂରକ୍ଷଣ କାମ ନେଇ ଆଲୋଚନା

ପୁରୀ,୧୧।୩(ସମିସ): ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ସାକ୍ଷାତ୍ କରି ଶ୍ରୀମନ୍ଦିରର ବିଭିନ୍ନ ସଂରକ୍ଷଣ କାର୍ଯ୍ୟ ନେଇ ଆଲୋଚନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ବୁଧବାର ଡ. ପାଢ଼ୀ ତାଙ୍କର ଦିଲ୍ଲୀ ସରକାରୀ ଗସ୍ତ ସମୟରେ ଏଏସ୍‌ଆଇର ମହାନିର୍ଦ୍ଦେଶକ ଡ. ଯଦୁବୀର୍ ସିଂ ରାୱତ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ଡ. ପାଢ଼ୀ ଶ୍ରୀମନ୍ଦିର ଭୋଗ ମଣ୍ଡପର ତୁରନ୍ତ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିବାକୁ ଏଏସ୍‌ଆଇ ମୁଖ୍ୟଙ୍କୁ ଅନୁରୋଧ କରିଥିଲେ। ସେହିପରି ପ୍ରାୟ ଏକ ଶତାବ୍ଦୀ ପୂର୍ବେ ଜଗମୋହନର ବାହ୍ୟ ପାର୍ଶ୍ୱରେ ସ୍ଥାପିତ ହୋଇଥିବା ଲୁହା ବିମ୍‌ଗୁଡ଼ିକର ଦୃଢ଼ତା ଓ ସ୍ଥିରତା ଯାଞ୍ଚ ପାଇଁ ଏକ ପ୍ରଯୁକ୍ତି ଦଳ ପଠାଇବାକୁ ମଧ୍ୟ ଅନୁରୋଧ କରିଥିଲେ। ବୈଠକରେ ମନ୍ଦିରର ହେରିଟେଜ୍ ଇଲ୍ୟୁମିନେସନ୍ ପ୍ରକଳ୍ପ ସହିତ ମୁଖ୍ୟ ମନ୍ଦିର ଗଠନର ବାହ୍ୟ ପୃଷ୍ଠଭାଗର ଜଏଣ୍ଟ ସିଲିଂ ଏବଂ କେମିକାଲ ଟ୍ରିଟ୍‌ମେଣ୍ଟ ସହ ଅନ୍ୟାନ୍ୟ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ରତ୍ନଭଣ୍ଡାରର



ସଂରକ୍ଷଣ ଓ ମରାମତି କାର୍ଯ୍ୟରେ ତାହାର ଗଠନାତ୍ମକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏଏସ୍‌ଆଇର ପ୍ରୟାସ ଓ ସହଯୋଗ ପାଇଁ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଏଏସ୍‌ଆଇ ମୁଖ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ।

# ପୁଲିସ ହାତରେ ଦୁଇ ବିହାରୀ ଲୁଟେରା

ପୁରୀ,୧୧।୩(ସମିସ): ପୁରୀ ପୁଲିସ ହାତରେ ଧରାପଡ଼ିଛନ୍ତି ଦିଲ୍ଲୀରୁ ଆସିଥିବା ଦୁଇ ବିହାରୀ ଲୁଟେରା। ମଙ୍ଗଳବାର ସ୍ୱଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ମାଟିଆପଡ଼ା ଛକ ନିକଟରୁ ଜଣେ ବୃଦ୍ଧାଙ୍କ ବେକରୁ ଏମାନେ ସୁନାଚେନ୍ ଝାମ୍ପି ନେଇଥିଲେ। କେବଳ ଏହି ଗୋଟିଏ ନୁହେଁ ମଙ୍ଗଳବାର ସଦର ଥାନା ଅନ୍ତର୍ଗତ ଖଡ଼ିପଦା ଛକରୁ ମଧ୍ୟ ଅଶୋକ ପଟ୍ଟନାୟକଙ୍କ ବେକରୁ ମଧ୍ୟ ଆଉ ଏକ ଚେନ୍ ଝାମ୍ପି ନେଇଥିଲେ ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ବୁଧବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଦୁଇ ଅଭିଯୁକ୍ତ ହେଲେ ବିହାର ପାଟନାର ମନୁ ସିଂ (୨୭) ଓ ସୀତାମାରୀ ଥାନାର ଦୀପକ କୁମାର ସିଂ (୨୮)। ମଙ୍ଗଳବାର ମାଟିଆପଡ଼ା ଛକ ଗିରି ଗୋସ୍ୱାମୀ ମଠ ନିକଟରୁ ଦୁଇଜଣ ଏକ ବାଇକ୍‌ରେ ଆସି ମଧୁବନ ପଞ୍ଚମ ଲେନ୍‌ର ନିରୁପମା ମିଶ୍ର (୭୮)ଙ୍କ ବେକରୁ ୨୩ ଗ୍ରାମ୍ ଓଜନର ଏକ ସୁନାଚେନ୍ ଝାମ୍ପି ନେଇଥିଲେ। ଏ ନେଇ ତାଳବଣିଆ ଥାନାରେ ଅଭିଯୋଗ କରିଥିଲେ ନିରୁପମା। ପୁଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଉଭୟଙ୍କୁ କାବୁ କରିବାରେ ସଫଳ ହୋଇଛି। ତଦନ୍ତରୁ ଜଣାପଡ଼ିଥିଲା ଯେ, ଦୁଇ ଅଭିଯୁକ୍ତ ବିହାର ବାସିନ୍ଦା ହୋଇଥିବାବେଳେ ସେମାନେ ଗତ ୯ ତାରିଖରେ ଦିଲ୍ଲୀରୁ ଓଡ଼ିଶା ଆସିଥିଲେ। ସେମାନେ ଟ୍ରେନ୍‌ରେ ଏକ କେଟିଏମ୍ ବାଇକ୍ ଆଣିଥିଲେ। ଏହି ବାଇକ୍ ନମ୍ବର ପ୍ଲେଟ୍ ବଦଳାଇ ଓଡ଼ିଶା ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇଥିଲେ। ମଙ୍ଗଳବାର ଏମାନେ ମାଟିଆପଡ଼ା ଛକ ନିକଟରୁ ନିରୁପମାଙ୍କ ବେକରୁ ଏବଂ ଖଡ଼ିପଦା



ଛକରୁ ଅଶୋକ ପଟ୍ଟନାୟକଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ। ଏହାପରେ ଉଭୟେ ଦ୍ରୁତଗତିରେ ଭୁବନେଶ୍ୱର ଆଡ଼କୁ ଯାଉଥିବାବେଳେ ପୁଲିସ ତାଳବଣିଆ ଥାନା ପୁଲିସ ସେମାନଙ୍କୁ ଗୋଡ଼ାଇ ପିପିଲି ନିକଟ ଜାତୀୟ ରାଜପଥରେ କାବୁ କରିଥିଲା। ସେମାନଙ୍କଠାରୁ ୨ଟି ସୁନାଚେନ୍, ଗୋଟିଏ କେଟିଏମ୍ ବାଇକ୍, ଗୋଟିଏ ଏୟାରବ୍ୟାଗ୍ ଓ ପୋଷାକ, ଦିଲ୍ଲୀର ନମ୍ବର ଥିବା ଦୁଇଟି ନମ୍ବର ପ୍ଲେଟ୍, ବାଇକର ଦୁଇଟି ଚାବି ଜବତ କରାଯାଇଛି। ଉଭୟେ ଦୁର୍ଦ୍ଧାନ୍ତ ଅପରାଧୀ ଏବଂ ଏମାନଙ୍କ ନାଁରେ ବିଭିନ୍ନ ରାଜ୍ୟରେ ଅପରାଧିକ ମାମଲା ରହିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

# ଦୁଇ ସାଇବର ଠକ ଗିରଫ

### ନକଲି ଆକାଉଣ୍ଟ ଖୋଲି ଲୋକଙ୍କୁ ଠକୁଥିଲେ

ପୁରୀ,୧୧।୩(ସମିସ): ଦିନକୁ ଦିନ ସାଇବର ଅପରାଧ ବଢ଼ୁଛି। ବିଶେଷକରି ସାଇବର ଠକଙ୍କ ଜାଲରେ ପଡ଼ିବା ପରେ ଲୋକେ ଏଭଳି ଠକେଇର ଶିକାର ହେଉଛନ୍ତି। ତେବେ ସାଇବର ଠକେଇକୁ ରୋକିବା କ୍ଷେତ୍ରରେ ପୁରୀ ସାଇବର ଥାନାରୁ ପୁଣି ଏକ ସଫଳତା ମିଳିଛି। ଏହି ଠକେଇର ଚେର ପୁରୀରୁ ଝାଡ଼ଖଣ୍ଡ, ଦିଲ୍ଲୀ ଯାଏଁ ଲମ୍ବିଛି। ବୁଧବାର ଏସ୍‌ପି ପ୍ରତୀକ୍ ସିଂ ଏକ ସାମ୍ବାଦିକ ସମ୍ମିଳନୀରେ ସାଇବର ଠକେଇର ପର୍ଦ୍ଦାଫାଶ୍ କରିବା ସହ ଦୁଇ ସାଇବର ଠକ ଗିରଫ ହୋଇଥିବା ସୂଚନା ଦେଇଛନ୍ତି। ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଗତ ୯ ତାରିଖରେ ଥାନାରେ ଗୋଟିଏ ମାମଲା ହୋଇଥିଲା। ସେହି ଘଟଣାରେ ପୂର୍ବରୁ ନକଲି ଆକାଉଣ୍ଟ କରି ଲୋକଙ୍କୁ ଠକୁଥିବା ଅଭିଯୋଗରେ ଦିଲ୍ଲୀରୁ ଆସି ଏଠାରେ ରହୁଥିବା ଅମରେଶ କୁମାରଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା। ଏବେ ଏହି ମାମଲାରେ ଆଉ ଦୁଇଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଚେନ୍ ମାଧ୍ୟମରେ ଜଡ଼ିତ ରହିଛନ୍ତି। ଚେନ୍ ସିଷ୍ଟମର ଅମରେଶ ଉପର ଲିଙ୍କ୍‌ରେ ଏହି ଦୁଇଜଣ ରହିଛନ୍ତି। ଅମରେଶ ସହ ଲିଙ୍କ୍ ଥିବା ଦୁଇ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ବାଲିପାଟଣାର ଭାଗିରଥୀ ପ୍ରଧାନ (୫୫) ଏବଂ ବୋକାରୋ ଝାଡ଼ଖଣ୍ଡର ତାର୍ସେମ ସିଂ ସୋଧୀ। ଏହି ଦୁଇ ଅଭିଯୁକ୍ତଙ୍କଠାରୁ ୩ଟି ମୋବାଇଲ, ଗୋଟିଏ ଭିସା କାର୍ଡ, ଦୁଇଟି ରୁପେ କାର୍ଡ, ୧୩ଟି ଚେକ୍‌ବୁକ୍, ୧୩ଟି ପାସ୍‌ବୁକ ସମେତ ଆହୁରି କିଛି କାଗଜପତ୍ର ଜବତ ହୋଇଛି। ଏହି ଅଭିଯୁକ୍ତ ଦୁଇଜଣ ଗୋଟିଏ ଏନ୍‌ଜିଓ ନାମରେ କରେଣ୍ଟ ଆକାଉଣ୍ଟ କରି ଲୋକଙ୍କୁ ଠକୁଥିଲେ। ନୂଆ ପ୍ରକାର ଆପ୍ଲିକେସନ ବ୍ୟବହାର କରି ଠକେଇ କରୁଥିଲେ, ଯାହାର ଆକାଉଣ୍ଟ ରହିଥିଲା ତାହାର ଆକାଉଣ୍ଟ ଭେରିଫିକେସନ ହେବା



ପରେ ତାଙ୍କ ଫୋନ୍‌କୁ ଏକ ଆପ୍ ସହ ଡିଭାଇସ୍ କନେକ୍ସନ କରାଯାଉଥିଲା। ମୋବାଇଲକୁ ଏକ ନୂଆ ଆପ୍ ଅର୍ଥାତ୍ ଏପିକେ ଫାଇଲ୍ ପଠାଇ ଠକେଇ କରୁଥିଲେ। ୬୦ରୁ ୭୦ ସେଭିଂ ଆକାଉଣ୍ଟକୁ କରେଣ୍ଟ ଆକାଉଣ୍ଟ ସହ ଲିଙ୍କ୍ କରାଯାଉଥିଲା। ନ୍ୟାସ୍‌ନାଲ ହ୍ୟୁମାନ ରୁରାଲ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଏକ ଏନ୍‌ଜିଓ ନାଁରେ କରେଣ୍ଟ ଆକାଉଣ୍ଟ କରି ବଡ଼ ଧରଣର ଠକେଇ କରାଯାଉଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ୨ ଲକ୍ଷ ୩୮ ହଜାର ଟଙ୍କାର ଫ୍ରଡ୍ ଟ୍ରାଞ୍ଜାକ୍ସନ୍ ଠାବ ହୋଇଛି। ତେବେ ୧ ଲକ୍ଷ ୮୮ ହଜାର ଟଙ୍କା ଫ୍ରିଜ୍ କରିବାରେ ପୁଲିସ ସଫଳ ହୋଇଛି। ଏଥିରେ ଅନେକଙ୍କ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି। ତେଣୁ ଏନେଇ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

# ରାଜ୍ୟସଭାରେ ଉଠିଲା ପୁରୀ କୋର୍ଟ ସ୍ଥାନାନ୍ତର ପ୍ରସଙ୍ଗ

ପୁରୀ,୧୧।୩(ସମିସ): ବାଲୁଖଣ୍ଡ ଅଭୟାରଣ୍ୟ ତଥା ପୁରୀର ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତର ପାଇଁ ମସୁଧା ଚାଲିଛି। ହେଲେ ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି ପୁରୀ ଓକିଲ ସଂଘ। ଏହାର ପ୍ରତିବାଦରେ ଓକିଲମାନେ ଚଳାଇଛନ୍ତି ସତ୍ୟାଗ୍ରହ। ଏହି ସତ୍ୟାଗ୍ରହକୁ ୩୮୦ ଦିନ ବିତିଯାଇଥିଲେ ମଧ୍ୟ ନା ପ୍ରଶାସନ ନା ସରକାର କେହି ଶୁଣିବାକୁ ନାରାଜ। ଏଭଳି ସ୍ଥିତିରେ ବୁଧବାର ରାଜ୍ୟସଭାରେ ଉଠିଛି ଏହି ପ୍ରସଙ୍ଗ। ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ପୁରୀ କୋର୍ଟ ଏକ ଐତିହ୍ୟ ସମ୍ପନ୍ନ କୋର୍ଟ। ସହରର ଏକ ପ୍ରମୁଖ ସ୍ଥଳରେ କୋର୍ଟ ଥିବାରୁ ଲୋକେ ସହଜରେ ସେବା ପାଉଛନ୍ତି। ଏହା ନିକଟରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ମଧ୍ୟ ରହିଛି। ଜିଲ୍ଲାପାଳ ଅଫିସଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆର୍‌ଜେଡ୍ ଅଞ୍ଚଳକୁ ସ୍ଥାନାନ୍ତର ନିଷ୍ପତ୍ତି ହୋଇଛି, ଯାହା ଗ୍ରହଣଯୋଗ୍ୟ ନୁହେଁ। ଗଞ୍ଜାମ, ଭୁବନେଶ୍ୱରରେ ପୁରୁଣା କୋର୍ଟ ସ୍ଥାନରେ କିଛି ସରକାରୀ ଅଫିସ ମିଶାଇ କୋର୍ଟ କମ୍ପ୍ଲେକ୍ସ କରାଯାଇଛି। କିନ୍ତୁ ପୁରୀ କୋର୍ଟ କ୍ଷେତ୍ରରେ ଅଣଦେଖା କରାଯାଉଛି। ବର୍ତ୍ତମାନ କୋର୍ଟ ସ୍ଥାନରେ କିଛି ସରକାରୀ ଅଫିସ ଜମି ମିଶାଇ ଦେଲେ ଐତିହ୍ୟ ସୁରକ୍ଷା ହେବ ଏବଂ କୋର୍ଟ କମ୍ପ୍ଲେକ୍ସ ପ୍ରତିଷ୍ଠା ହୋଇପାରିବ। କିନ୍ତୁ ସରକାର ଏହି ଦାବି ପ୍ରତି ଉଦାସୀନ ମନୋଭାବ ପୋଷଣ କରୁଛନ୍ତି ବୋଲି ଶୁଭାଶିଷ୍ ରାଜ୍ୟସଭାରେ ମତ ରଖିଛନ୍ତି।

# ପ୍ରଶ୍ନପତ୍ରରେ ବନାନ ତ୍ରୁଟି ଓ ଜାତିଆଣ ଆକ୍ଷେପ !

ପୁରୀ,୧୧।୩(ସମିସ)

ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ତଥା ପରୀକ୍ଷା ପରିଚାଳନା କରିବା ପାଇଁ ଅନେକ ଯୋଜନା କରାଯାଉଛି। ହେଲେ ପୁରୀ ଜିଲ୍ଲାରେ ପ୍ରଥରୁ ଅଷ୍ଟମ ଶ୍ରେଣୀ ପରୀକ୍ଷାରେ ବହୁ ବିଭ୍ରାଟ ଦେଖାଦେଇଛି। ପ୍ରଶ୍ନପତ୍ରରେ ବନାନ ତ୍ରୁଟି, ଜାତିଆଣ ଆକ୍ଷେପ ଏବଂ ଶିକ୍ଷକଙ୍କ ଉପରେ ଅଯଥା ବୋଝ ଲଦୁଥିବା ନେଇ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଅଭିଯୋଗ କରିଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ। ବୁଧବାର ଡିଇଓଙ୍କୁ ଦିଆଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ପୁରୀ ଜିଲ୍ଲା ଶିକ୍ଷା ପ୍ରଶାସନ ପ୍ରାଥମିକ ଶିକ୍ଷକମାନଙ୍କୁ ଅଧିକ ଚାପଗ୍ରସ୍ତ କରୁଛନ୍ତି। ପରୀକ୍ଷା ନିମନ୍ତେ ବିଦ୍ୟାଳୟକୁ ଯେଉଁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଛି ତାହା କଟାଯାଇ ସାଇଜ୍ କରାଯାଇ ନାହିଁ କି ଷ୍ଟାପ୍‌ଲିଂ ବି ହୋଇନି। ଗୋଟିଏ ଶ୍ରେଣୀର ବିଭିନ୍ନ ବିଷୟ ପ୍ରଶ୍ନପତ୍ର ଅସଜଡ଼ା ହୋଇ ରହିଛି। ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକୀୟ ସଂଖ୍ୟକ ଶିକ୍ଷକ ନ ଥିବାରୁ ବିଷୟଗୁଡ଼ିକ ସାରିବାକୁ କଷ୍ଟସାଧ୍ୟ ହୋଇଛି ଏବଂ ପରୀକ୍ଷା ପୂର୍ବରୁ ଶିକ୍ଷକମାନଙ୍କୁ ବିଭିନ୍ନ ତାଲିମରେ ନିୟୋଜିତ କରାଯାଇଥିବାରୁ ଶିକ୍ଷାଦାନ ସଠିକ୍ ହୋଇପାରିନାହିଁ। ସେହି ସମୟରେ ଶିକ୍ଷକମାନଙ୍କୁ ପ୍ରଶ୍ନପତ୍ର କାଟିବା, ଷ୍ଟାପ୍‌ଲିଂ ଓ ସଜାଡ଼ିବା ଦାୟିତ୍ୱ ଦିଆଯାଇଛି। ତେବେ ପ୍ରସ୍ତୁତ କରିଥିବା ସଂସ୍ଥା ପ୍ରଶ୍ନପତ୍ର କାହିଁକି କାଟିବା, ଷ୍ଟାପ୍‌ଲିଂ ଓ ସଜାଡ଼ି ଦେବେ ନାହିଁ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ପ୍ରଶ୍ନ କରିଛନ୍ତି। ପ୍ରଶ୍ନପତ୍ର ପ୍ରସ୍ତୁତି ଅଧିକାରୀ ଓ ସଂସ୍ଥାର ବେପରୁଆ ମନୋବୃତ୍ତି ବୋଲି ସଂଘ ଅଭିଯୋଗ କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଜି ସପ୍ତମ ଶ୍ରେଣୀ ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ ଚିତ୍ରାଙ୍କନ ପ୍ରଶ୍ନ-୧ (କ)ରେ ଦିଆଯାଇଛି ଯେ, 'ନଈ କୂଳରେ ଧୋବା ଲୁଗା କାଚୁଥିବାର ଚିତ୍ର ଅଙ୍କନ କରି ରଙ୍ଗ ଦିଅ', ଯାହା ଏକ ନିର୍ଦ୍ଦିଷ୍ଟ ଜାତି, ଗୋଷ୍ଠୀ ଓ ସମ୍ପ୍ରଦାୟକୁ ଅପମାନ କରି ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। ତେଣୁ ଜିଲ୍ଲା ସମ୍ପାଦକ ସୁଧାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଡିଇଓଙ୍କୁ ସାକ୍ଷାତ୍ କରି ଆଲୋଚନା କରିବା ସହିତ ପ୍ରଶ୍ନପତ୍ର ପ୍ରସ୍ତୁତି ଅଧିକାରୀ ଓ ସଂସ୍ଥାକୁ ନିଲମ୍ବନ କରିବା ସହିତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ଶିକ୍ଷକ ନେତା ଶିବପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ।



- ■ ଶିକ୍ଷକଙ୍କ ଉପରେ ଅଯଥା ବୋଝ ଲଦି ଦିଆଯାଉଛି
- ■ ଡିଇଓଙ୍କୁ ଅଭିଯୋଗ କଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ

# ଏଲପଡ଼ା ଗାଁରେ ସାତଦୋଳ ଯାତ୍ରା

**ଭାପୁର,୧୧।୩(ସମିସ):** ଭାପୁର ବ୍ଲକ୍ ଭାପୁର ପଞ୍ଚାୟତର ଏଲପଡ଼ା ଗ୍ରାମରେ ସାତଦୋଳ ଯାତ୍ରା ଆୟୋଜିତ ହୋଇଛି। ବୁଧବାର ଗ୍ରାମର ଆରାଧ୍ୟ ଦେବତା ବାବା ବୈଦନାଥ ମନ୍ଦିର ପରିସରରେ ସାତଦୋଳ ଯାତ୍ରାରେ ଆଖପାଖର ବହୁ ଠାକୁରଙ୍କ ବିଜେ ପ୍ରତୀମା ଆସିଥିଲେ। ଏଲପଡା ବାବା ବୈଦନାଥ, ଗୋଳାପୋଖରୀ ବାଲୁଙ୍କେଶ୍ୱର, ବେଗୁନିଆ ବାଲୁଙ୍କେଶ୍ୱର, ପାର୍ବତୀପୁର ବାଲୁଙ୍କେଶ୍ୱର, ଭାପୁର ବାଲୁଙ୍କେଶ୍ୱର ଓ ପତିତପାବନ, ତରବାଲୋ ଜଳେଶ୍ୱର, ରାଧାକାନ୍ତ ଓ ଗୋପୀନାଥ, ପାଥପୁର ବାଲୁଙ୍କେଶ୍ୱର ଦେବ ଠାକୁର ମନ୍ଦିର ପରିସର ଯାତ୍ରା ପଡିଆରେ ସକାଳେ ଦୋଳ ବିମାନରେ ଆସି ମିଳିତ ହୋଇଥିଲେ। ଅପରାହ୍ନରେ ସବୁ ଠାକୁର ଧାଡି ହୋଇ ରୋଷଣୀ ସହ ଗ୍ରାମ ପରିକ୍ରମା କରି ନିଜ ନିଜ ଗାଁକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତିନଦିନ ଧରି ସାଂସ୍କୃତିକ କାର୍ଯ୍ୟ ଚାଲୁରହିଛି। ମଙ୍ଗଳବାର, ବୁଧବାର ରାମ ନାଟକ ପରିବେଷଣ ହେବା ସହ ଗୁରୁବାର ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ହେବ।



## ସହରରେ ଭାରୀଯାନ ଚଳାଚଳ କଟକଣାକୁ ଫୁ'

# ବାଲୁଗାଁରୁ ମାଳିସାହି, ଖଣ୍ଡୁଗାଁ ଦେଇ ଆସୁଛି ବାଲି ବୋଝେଇ ହାଇୱା

**ନୟାଗଡ଼,୧୧।୩(ସମିସ)**

ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧା ପାଇଁ ସକାଳ ୭ରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ନୟାଗଡ଼ ସହରରେ ଭାରୀଯାନ ଚଳାଚଳକୁ ସୀମିତ କରିବାକୁ ଘୋଷଣା କରିଛନ୍ତି। ଫେବୃଆରୀ ୨୧ରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଏହି ନିୟମକୁ ଲାଗୁ କରାଯାଇଛି। ସହରରେ ବାଲି, ଗୋଡ଼ି ବୋଝେଇ ହାଇୱା ଦ୍ୱାରା ଦୁର୍ଘଟଣା ବଢୁଥିବାରୁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ କରି ନୟାଗଡ଼ ଟାଉନ ଥାନା ପୁଲିସ ଭାରୀଯାନ ଚଳାଚଳ ନ କରିବା ସମୟରେ ଭାରୀଯାନ ସହର ମଧ୍ୟରେ ପ୍ରବେଶ ପାଇଁ ଅନୁମତି ଦେଉଛି। କିଛି ପୁଲିସ କର୍ମଚାରୀ ଉକ୍ତ ହାଇୱାରୁ ଚାନ୍ଦା ଦେଇ ବେନିୟମ ଭାବେ ଅଧିକାଂଶ ଗାଡ଼ି ଛାଡୁଥିବାବେଳେ ଅନେକ ଗାଡ଼ି ଭୟରେ ଭିନ୍ନ ରାସ୍ତା ଆପଣାଇଛନ୍ତି। ମହାନଦୀ ବାଲିଘାଟରୁ ବାଲି ବୋଝେଇ କରି ଆସୁଥିବା ଅନେକ ହାଇୱା ସହର ମଧ୍ୟକୁ ଭିନ୍ନ ରାସ୍ତାରେ ପ୍ରବେଶ କରୁଛନ୍ତି।

ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁଠାରୁ ବାଲି, ଗୋଡ଼ି ବୋଝେଇ ହାଇୱାଗୁଡ଼ିକ ମାଳିସାହି ବ୍ରିଜଠାରୁ କୋଡ଼ିଏକାହାଣିଆ, ଖଣ୍ଡୁଗାଁ ଦେଇ ତୁଳସୀପୁରଠାରେ ଏନଏଚ ୫୭କୁ ଉଠି ସହର ମଧ୍ୟକୁ ଆସୁଛନ୍ତି। ପୁଲିସ ଭୟରେ ହାଇୱାଗୁଡ଼ିକ ଗ୍ରାମାଞ୍ଚଳ ରାସ୍ତା ଦେଇ ସହରକୁ ଆସୁଥିବାବେଳେ ଏହା ଦ୍ୱାରା ଗାଁରେ ବିପଦଜନକ ସ୍ଥିତି ସୃଷ୍ଟି ହୋଇଛି। ମାଲ ବୋଝେଇ ଭାରୀଯାନଗୁଡ଼ିକ ଚଳାଚଳ କରିବା ଦ୍ୱାରା ଗାଁଗୁଡ଼ିକର ରାସ୍ତା ନଷ୍ଟ ହେଉଥିବାବେଳେ ଉକ୍ତ ଗ୍ରାମବାସୀ ଭୟରେ କାଳାତିପାତ କରୁଛନ୍ତି। ଗ୍ରାମବାସୀ ହାଇୱା ଚଳାଚଳକୁ ବିରୋଧ କଲେ ସେମାନଙ୍କୁ ଭୟଭୀତ କରାଯାଉଛି। ଖଣ୍ଡୁଗାଁ ଦେଇ ସଂକୀର୍ଣ୍ଣ ରାସ୍ତାରେ ହାଇୱା ଚଳାଚଳ ଦ୍ୱାରା ଦୁର୍ଘଟଣା ଘଟି ଜୀବନ ହାନୀ ହେବାର ସମ୍ଭାବନା ମଧ୍ୟ ରହିଛି। ସଦର ଥାନା ପୁଲିସ ଏସବୁ ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ବାଲି, ଗୋଡ଼ି ବୋଝେଇ ହାଇୱା ମାଲିକଙ୍କୁ ଏହା ବେଶ ସୁହାଉଛି। ନୟାଗଡ଼ ଜିଲ୍ଲାରେ ବେଆଇନ ଭାବେ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ହେଉଥିବାବେଳେ ପୁଲିସ, ତହସିଲ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିନା ୱାଇ ଫର୍ମରେ ସିଧାମୂଳାରୁ ନୟାଗଡ଼ ଲମ୍ବୁଛି ହାଇୱା

**ନୟାଗଡ଼,୧୧।୩(ସମିସ):** ନୟାଗଡ଼ ଜିଲ୍ଲାପାଳ ସିଧାମୂଳାଠାରେ ଚାଲୁଥିବା ବାଲିଘାଟରୁ ଦୈନିକ ନୟାଗଡ଼ରୁ ୨ ଶହରୁ ଊର୍ଦ୍ଧ୍ୱ ହାଇୱା ଟ୍ରିପ ବାଲି ଚାଲାଣ ହେଉଛି। ବିନା ୱାଇ ଫର୍ମରେ ପ୍ରତ୍ୟେକ ଦିନ ବାଲି ବୋଝେଇ ଗାଡ଼ିଗୁଡ଼ିକ ଚଳାଚଳ କରୁଥିବାବେଳେ ପୁଲିସ ଓ ତହସିଲ ପ୍ରଶାସନ ଏସବୁ ପ୍ରତି ଦୃଷ୍ଟି ଦେଉନାହିଁ। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା, ଟାଉନଥାନା ଓ ସଦରଥାନା ପୁଲିସର କୋହଳ ମନୋଭାବ ଯୋଗୁଁ ବାଲି ମାଫିଆଙ୍କ ରାଜୁତି ଦିନକୁ ଦିନ ବୃଦ୍ଧି ପାଉଛି। ଦିନ ଦ୍ୱିପହରରେ ବାଲି ବୋଝେଇ ହାଇୱା ଚଳାଚଳ ବ୍ୟାପକ ସମସ୍ୟା ସୃଷ୍ଟି କରୁଛି। ଓଡ଼ିଶା ମାଇନର ମିନେରାଲ କନସେସନ୍ ନିୟମ ଅନୁଯାୟୀ, ବାଲି ପରିବହନ ପାଇଁ ୱାଇ ଫର୍ମ ବହି ନିଲାମଧାରୀଙ୍କୁ ଦିଆଯାଇଥାଏ। ଏଥିରେ ଥିବା ରସିଦରେ ଘାଟରୁ ପରିବହନ କରୁଥିବା ଗାଡ଼ିରେ କେତେ ପରିମାଣର ବାଲି ଚାଲାଣ ହେଲା, ତାହା ଉଲ୍ଲେଖ ରହିଥାଏ। ରସିଦରେ ମଧ୍ୟ ବାଲି ଲୋଡ୍ ହେବାର ସମୟ ଓ ତାରିଖ ଉଲ୍ଲେଖ ରହିଥାଏ। ବାଟରେ ଯଦି ପୁଲିସ କିମ୍ବା ଜିଲ୍ଲା ପ୍ରଶାସନ ଗାଡ଼ିକୁ ଅଟକାଇ ଯାଞ୍ଚ କରନ୍ତି, ତେବେ ଡ୍ରାଇଭର ଉକ୍ତ ଫର୍ମକୁ ଦେଖାଇ ଗାଡ଼ିରେ ଚାଲାଣ ହେଉଥିବା ବାଲି ବୈଧ ବୋଲି ସାବ୍ୟସ୍ତ କରିଥାନ୍ତି। କିନ୍ତୁ ସରକାରଙ୍କୁ ରାଜସ୍ୱ ଫାଙ୍କି ବିନା ୱାଇ ଫର୍ମରେ ବାଲି ଚାଲାଣ ହେଉଛି। ଏହା କେବେ ବନ୍ଦ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ବିତିଲା

# ପ୍ୟାକେଜ ଅପେକ୍ଷାରେ କାଳିଆପଲ୍ଲୀ

**ନୟାଗଡ଼/ଭାପୁର,୧୧।୩(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତବର୍ଷ ମାର୍ଚ୍ଚ ୨୪ ତାରିଖରେ ନୟାଗଡ଼ ଆସିଥିଲେ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଧାନଚାଙ୍ଗଡା ପଞ୍ଚାୟତ କାଳିଆପଲ୍ଲୀ ଗ୍ରାମରେ ଶବର ରାଜା ବିଶ୍ୱାବସୁଙ୍କୁ ପୂଜାର୍ଚ୍ଚନା କରିବା ସହ ଭାରତୀୟ ବିଶ୍ୱାବସୁ ଶବର ସମାଜ ତରଫରୁ ଆୟୋଜିତ ଯଜ୍ଞରେ ପୂର୍ଣ୍ଣାହୁତି ଦେବା ସହ ଏକ ସଭାରେ ଉଦବୋଧନ ଦେଇଥିଲେ। ଏହି ସଭାରେ ମହାମହିମ କହିଥିଲେ, ଶବର ରାଜା ବିଶ୍ୱାବସୁଙ୍କୁ ଜଗନ୍ନାଥପ୍ରେମୀ ସବୁଦିନେ ମନେ ରଖିବେ ଓ ଏହି କାଳିଆପଲ୍ଲୀ ହେଉଛି ଭାରତର ପ୍ରଥମ ସ୍ଥାନ ଯେଉଁଠି ଆଦିବାସୀ ଓ ଅଣଆଦିବାସୀଙ୍କ ମିଳନ ହୋଇଥିଲା। ପ୍ରାଚୀନ ଭାରତୀୟ ସଂସ୍କୃତି କଥା ଆଲୋଚନା କରିବା ସମୟରେ ଶବର ସଂସ୍କୃତି ସବୁଠାରୁ ଆଗରେ ରହିବ। ଜଗନ୍ନାଥଙ୍କ ଆଦ୍ୟ ସ୍ୱରୂପ ପ୍ରଭୁ ନୀଳମାଧବଙ୍କ ପ୍ରଥମ ସେବକ ଶବରରାଜା ବିଶ୍ୱାବସୁ ଧାନଚାଙ୍ଗଡା ନିକଟ ଧାଙ୍ଗେଡି ପାହାଡ ନିକଟ କାଳିଆପଲ୍ଲୀରେ ରହି ସବୁଦିନ କଣ୍ଟିଲୋ ନୀଳମାଧବଙ୍କୁ ପୂଜାର୍ଚ୍ଚନା କରୁଥିଲେ। ଶବର ସଂସ୍କୃତି ଆଦ୍ୟଭୂମି ବିଶ୍ୱାବସୁଙ୍କ ଦାୟଦମାନେ ରହୁଥିବା କାଳିଆପଲ୍ଲୀ ଶହ ଶହ ବର୍ଷ ହେଲା ଅବହେଳିତ ହୋଇ ଅପାଙ୍କ୍ତେୟ ଅବସ୍ଥାରେ ରହିଥିଲା। ଭାରତୀୟ ବିଶ୍ୱାବସୁ ଶବର ସମାଜ ପକ୍ଷରୁ କାଳିଆପଲ୍ଲୀଠାରେ ଆୟୋଜିତ ସଭାରେ ଏହି ସଂଘ ସଭାପତି ହୃଷିକେଶ ଦେହୁରୀଙ୍କ ଆୟୋଜିତ ଏହି ସଭାରେ ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ହରିବାବୁ କୁମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗ ଦେଇଥିଲେ। ଆଦିବାସୀଙ୍କ ଆର୍ଥିକ ଉତ୍‌ଥାନ ବିନା ଦେଶର ପ୍ରଗତି ଅସମ୍ଭବ ବୋଲି କହିବା ସହ ସମସ୍ତ ଆଦିବାସୀମାନେ ସେମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରି ଆସିଥିବାରୁ ଏହି ପୁରାଣ ପ୍ରସିଦ୍ଧ କାଳିଆପଲ୍ଲୀ ଅପାଙ୍କ୍ତେୟ ହୋଇ ପଡି ରହିଛି। ରାଷ୍ଟ୍ରପତିଙ୍କ ଆଗମନ କାଳିଆପଲ୍ଲୀ ଭାଗ୍ୟ ବଦଳି ଯିବ ବୋଲି ଗ୍ରାମବାସୀ ଆଶା ରଖିଥିଲେ। ସେହି ସଭାରେ ମୁଖ୍ୟମନ୍ତ୍ରୀ କାଳିଆପଲ୍ଲୀ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ସହ ଅନୁଦାନ ଦିଆଯିବାର ଘୋଷଣା କରିଥିଲେ। ବର୍ଷେ ପରେ ଘୋଷଣା ଘୋଷଣାରେ ରହିଯାଇଛି। ଗ୍ରାମବାସୀ ବହୁ ଆଶା କରିଛନ୍ତି ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ସେମାନଙ୍କ ଭାଗ୍ୟ ବଦଳାଇବେ।

## ଏଚପିଭି ଟିକାକରଣ ଆରମ୍ଭ

**ଓଡ଼ଗାଁ,୧୧।୩(ସମିସ):** ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହ୍ୟୁମାନ ପାପିଲୋନା ଭାଇରସ (ଏଚପିଭି) ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିଲାଞ୍ଜନ ଦାସ ଓ ଡା. ପ୍ରଣତୀ ମଞ୍ଜରୀ ଶର୍ମାଙ୍କ ଉପସ୍ଥିତିରେ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଟିକା ୧୪ ବର୍ଷରୁ ଅଧିକ ଓ ୧୫ ବର୍ଷରୁ କମ୍ ବୟସର ବାଳିକାଙ୍କୁ ଅର୍ଥାତ୍ ସାଧାରଣତଃ ୯ମ ଶ୍ରେଣୀର ଛାତ୍ରୀଙ୍କୁ ଦିଆଯିବ। ଭବିଷ୍ୟତରେ ଜରାୟୁ ଗ୍ରୀବା କର୍କଟ (ଗର୍ଭାଶୟ ମୁଖ କ୍ୟାନସର) ରୋଗକୁ ପ୍ରତିରୋଧ କରିବା ପାଇଁ ଏହି ଟିକା ବହୁତ ଉପକାରୀ ବୋଲି ଡାକ୍ତରମାନେ କହିଛନ୍ତି। ପ୍ରତି ସୋମବାର, ମଙ୍ଗଳବାର ଓ ଗୁରୁବାର ଦିନ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ପ୍ରତିଷେଧକ ଟିକା ମାଗଣାରେ ଦିଆଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସମସ୍ତ ଯୋଗ୍ୟ ବାଳିକାମାନେ ଏହି ଟିକା ନେବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପରାମର୍ଶ ଦେଇଛନ୍ତି।

# ଶ୍ରମିକ ସଚେତନତା କର୍ମଶାଳା




**ନୟାଗଡ଼/ଶରଣକୁଳ,୧୧।୩(ସମିସ):** ନୟାଗଡ଼ ଜିଲ୍ଲା ଶରଣକୁଳ ଲଡୁବାବାଙ୍କ ପୀଠ ଦେବୋତ୍ତର ବିଭାଗ କଲ୍ୟାଣ ମଣ୍ଡପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଷ୍ଟିସ ଆନୁକୂଲ୍ୟର ଏକ ଶ୍ରମିକ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶ୍ରମିକ ସଂଗଠନର ସମ୍ପାଦକ ଶୂନ୍ୟଜୟୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ଡେପୁଟି କଲେକ୍ଟର ତପତୀ ରାଜ, ଲେବର କମିଶନର ତେଜ ବାଗେ, ଜିଲ୍ଲା ଯୋଗାଣ ଅଧିକାରୀ ମୁରାଲିକୃଷ୍ଣ ରାଓ ଓ ବରିଷ୍ଠ ଆଇନଜୀବୀ ଚନ୍ଦ୍ରବିଜୟୀ ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରମିକ ଅଧିକାର ଓ ଶୋଷଣ ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରମିକ ନାର୍ଯ୍ୟ ଅଧିକାର, ଶ୍ରମ ନିୟମର ଥିବା ଶ୍ରମିକ ଉନ୍ନତି ସରକାରୀ ସାହାଯ୍ୟ ଓ କାର୍ଯ୍ୟାବଳୀ, ଶ୍ରମିକଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ଓ ସୁଯୋଗକୁ କିପରି କାର୍ଯ୍ୟକାରୀ କରାଯିବ, ସେ ବିଷୟ ଉପରେ ଆଲୋଚନା କରାଯାଇଥିଲା। ରବିନ୍ଦ୍ର କୁମାର ମହାପାତ୍ର, ଦିବ୍ୟଶଙ୍କର ସାହୁ, ନିରଞ୍ଜନ ପୃଷ୍ଟିଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କର୍ମଶାଳାରେ ଶରଣକୁଳ ଅଞ୍ଚଳର କର୍ମଜୀବୀ ଶତାଧିକ ମହିଳା ଶ୍ରମିକ ଓ ପୁରୁଷ ଶ୍ରମିକ ଉପସ୍ଥିତ ରହି ନିଜ ନିଜର ଅଭାବ ଅସୁବିଧା ଉପରେ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଥିଲା। ଶ୍ରମିକ କାର୍ଡ ପାଇଁ ଆବେଦନ କରିଥିବା କିଛି ଶ୍ରମିକଙ୍କୁ କାର୍ଡ ମିଳିଥିବାବେଳେ ଅନେକଙ୍କୁ ନ ମିଳିବା ନେଇ ଅସନ୍ତୋଷ ଦେଖାଦେଇଥିଲା। କ୍ରମାନୁସାରେ ଆବେଦନ କରିଥିବା ସମସ୍ତ ଶ୍ରମିକଙ୍କୁ ପର୍ଯ୍ୟାୟ କ୍ରମେ କାର୍ଡ ମିଳିବ ବୋଲି ଉପସ୍ଥିତ ଅଧିକାରୀ କହିଥିଲେ। ଶେଷରେ ସମସ୍ତ ଅତିଥି ଓ ଉପସ୍ଥିତ ପୁରୁଷ ଓ ମହିଳା ଶ୍ରମିକଙ୍କୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା।

## ● ବନମାଳୀପୁର ପଞ୍ଚୁଦୋଳ ଯାତ୍ରାର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନମୋହିଲା ମୟୂରଭଞ୍ଜର ଛଉନୃତ୍ୟ




**ଖଣ୍ଡପଡ଼ା,୧୧।୩(ସମିସ):** ଖଣ୍ଡପଡ଼ା ବ୍ଲକ୍ ବନମାଳୀପୁର ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଓ ମହୋତ୍ସବର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ବାବା ସୋମନାଥ ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଗ୍ରାମ ସଭାପତି ରାଧାନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟ ବିଜେପି ଯୁବ ସଭାପତି ଅଭିଲାଷ ପଣ୍ଡା ଏବଂ ଆଇନଜୀବୀ ତଥା ବିଧାନ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଭାଇଚାରା ବଞ୍ଚି ରହିଲେ ମହୋତ୍ସବ ଆଗକୁ ବଢ଼ି ପାରିବ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଗ୍ରାମ ସହସମ୍ପାଦକ ପ୍ରତାପ ଚନ୍ଦ୍ର ପତି, ଉପ ସଭାପତି ଲକ୍ଷ୍ମୀଧର ସାଥୁଆ ପ୍ରମୁଖ ମଞ୍ଚାସୀନ ରହି ମହୋତ୍ସବର ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମକୁ ଜନ୍ମେଜୟ ଦଳେଇ ସଂଯୋଜନା କରିବା ସହ ସଭାକାର୍ଯ୍ୟ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସନ୍ଧ୍ୟାରେ ମୟୁରଭଞ୍ଜର ଛଉ ନୃତ୍ୟ, ବନମାଳିପୁର ନୃତ୍ୟ ପ୍ରଣାମ ବଂଶୀକା ସାଇକୃପା ଏବଂ ସାଥୀଙ୍କ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ସଭାକାର୍ଯ୍ୟ ପରେ ଓଡ଼ିଶାର ସୁନାମାଧନ୍ୟ କଣ୍ଠଶିଳ୍ପୀ ସନ୍ତୋଷ ଦୋରା ଙ୍କ ସଂଗୀତରେ ଦର୍ଶକ ଝୁମିଥିଲେ। ଗୁରୁବାର ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଏକ ଆଧ୍ାିକ ପରିବେଶ ମଧ୍ୟରେ ସମସ୍ତ ଦୋଳ ଠାକୁରଙ୍କ ମେଳଣ ସହ ନିଜ ନିଜର ଅସ୍ଥାନକୁ ବାହୁଡ଼ିବେ ବୋଲି କୁହାଯାଇଛି। ସେହିପରି ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

# ଲଙ୍କାପୋଡ଼ି ଯାତ୍ରା ପାଇଁ ଶୁଭଖୁଣ୍ଟି ଅନୁକୂଳ

**ଗଣିଆ,୧୧।୩(ସମିସ):** ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ବା ରାମ ନବମୀ ଆସନ୍ତା ମାର୍ଚ୍ଚ ମାସ ୨୭ ତାରିଖରେ ପାଳନ କରାଯିବ। ଏଥିପାଇଁ ଉତ୍ସବମୁଖର ହୋଇ ଉଠିବ ପଲ୍ଲୀଠାରୁ ସହର। ଗଣିଆରେ ଏପ୍ରିଲ ୨୧ ତାରିଖରେ ରାବଣ ବଧ ବା ଲଙ୍କାପୋଡି ଯାତ୍ରା ଅନୁଷ୍ଠିତ ହେବ। ସ୍ଥାନୀୟ ଗଣିଆ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଦୀର୍ଘ ୫୬ ବର୍ଷ ଧରି ଏହି ଯାତ୍ରା ଚାଲୁ ରହିଛି। ଏହି ଅବସରରେ ଲଙ୍କାପୋଡ଼ି ଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ଅନୁକୂଳ କାର୍ଯ୍ୟ ଆରମ୍ଭ ହୋଇଛି। ମନ୍ଦିର ପୂଜକ ପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଆଣିବା ପରେ ଶୁଭ ଅନୁକୂଳ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୫୬ ବର୍ଷ ଧରି ଗୋଟିଏ ଖୁଣ୍ଟରେ ପ୍ରଭୁଙ୍କ ନାମରେ ନଡ଼ିଆ ବନ୍ଧାଯାଇ ଖୁଣ୍ଟପୋତା କାର୍ଯ୍ୟ ଆରମ୍ଭ ହୋଇଥାଏ। ଗଣିଆ ପାଇକସାହିର ଯୁବକମାନେ ଏହି କାର୍ଯ୍ୟକ୍ରମରେ ନିୟୋଜିତ ହୋଇ ସୁରୁଖୁରୁରେ କାର୍ଯ୍ୟ ସମ୍ପାଦନ କରିଥିବା ଜଣାପଡିଛି। ମନ୍ଦିର ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହିଥିବା ଜଣାପଡିଛି। ଚଳିତ ବର୍ଷ ୪ ଦିନ ଧରି ଲଙ୍କାପୋଡ଼ି ଯାତ୍ରା ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଭାପତି ଆନନ୍ଦ ଚନ୍ଦ୍ର ବେହେରା, ସମ୍ପାଦକ ଉଦ୍ୟନାଥ ସାହୁ, ପ୍ରଭାତ କୁମାର ଦାଶଙ୍କ ସମେତ ଗ୍ରାମର ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ।



# ଡିଡିଆରସି ପକ୍ଷରୁ ଦିବ୍ୟାଙ୍ଗ ସଚେତନତା

**ନୟାଗଡ଼,୧୧।୩(ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଭାଟସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ନୟାଗଡ଼ ତରଫରୁ ଦିବ୍ୟାଙ୍ଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ କିପରି ସହଜରେ ଚିହ୍ନଟିକରଣ କରିବା, ସେମାନଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ବ୍ୟବସ୍ଥା କରିବା, ସମାଜର ମୁଖ୍ୟସ୍ରୋତରେ ଭିନ୍ନକ୍ଷମଙ୍କୁ ସାମିଲ କରିବା, ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ପ୍ରକାରର ସାହାଯ୍ୟ, ସୁବିଧା ଇତ୍ୟାଦି ଡିଡିଆରସି ନୟାଗଡ଼ର ସ୍ୱତନ୍ତ୍ର ଶିକ୍ଷକ ରାମେଶ୍ୱର ପାତ୍ର ବୁଝାଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶନ୍ନ କୁମାର ସାହୁ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ସହାୟତା ଓ ସେମାନେ କିପରି ପାଠ ପଢି ପାରିବେ ବୁଝାଇଥିଲେ। ଆଜିର ସଚେତନତା ଶିବିରରେ ବିଦ୍ୟାଳୟ ସହକାରୀ ଶିକ୍ଷକ ପିଣ୍ଟୁ ସାହୁ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ମାନସିକ ଅନଗ୍ରସର ବିଭାଗ ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ସାଗରିକା ସାହୁ, ଫିଜିଓଥେରାପିଷ୍ଟ ଡାକ୍ତର ଅଭିଲାଷ ଦାଶ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିଶେଷଜ୍ଞ ଡାକ୍ତର ପ୍ରଭୁଦତ୍ତ ପଣ୍ଡା ଯୋଗ ଦେଇଥିଲେ।



# ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ବାଇଧର

**ଖଣ୍ଡପଡ଼ା,୧୧।୩(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ବାଇଧର ରାଉତ (୪୨)ଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ମିଳୁ ନ ଥିବାରୁ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଦ୍ଧିତ ହାରରେ ଭତ୍ତା ପାଇବା ଆଶାରେ ଭିନ୍ନକ୍ଷମ ବ୍ୟକ୍ତି ଜଣକ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ନେହୁରା ହେବା ସହ ବାରମ୍ବାର ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ହେଁ ପ୍ରଶାସନିକ ଅଧିକାରୀ ନତୁବା ଲୋକ ପ୍ରତିନିଧିମାନେ କେହି ହେଲେ ତାଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଭିନ୍ନକ୍ଷମ ବ୍ୟକ୍ତି ବାଇଧର ବହୁ କଷ୍ଟରେ ବସ ଯୋଗେ ବ୍ଲକ କାର୍ଯ୍ୟାଳୟକୁ ବୁଧବାର ଆସି ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଗ୍ରାମକୁ ଫେରିଥିବାବେଳେ କେବେ ଆଉ ତାଙ୍କୁ ମାସିକ ଭତ୍ତା ୩୫୦୦ ଟଙ୍କା ମିଳିବ, ସେ ନେଇ ସେ ଆଶଙ୍କା ପ୍ରକାଶ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ ମାସିକ ଭତ୍ତା ବାବଦରେ ୩୫୦୦ ଟଙ୍କା ପ୍ରଦାନ କରୁଥିଲେ ହେଁ ବାଇଧର ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇ ମଧ୍ୟ ମାସକୁ ଭତ୍ତା ବାବଦରେ ୧୨୦୦ ଟଙ୍କା ସେ ପାଉଥିବା ଜଣାପଡିଛି। ତେବେ ଦୁଃଖରେ ଦିନ କାଟୁଥିବା ଭିନ୍ନକ୍ଷମ ବାଇଧରଙ୍କ ପ୍ରତି ନୟାଗଡ ଜିଲ୍ଲାପାଳ ସଦୟ ହୋଇ ଚଳିତ ମାସଠାରୁ ତାଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ଟଙ୍କା ପ୍ରଦାନ କରିବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି।



# ସରସ୍ୱତୀ ଶିଶୁ ମନ୍ଦିର ନୂତନ ଗୃହ ଉଦଘାଟିତ

**ଭାପୁର,୧୧।୩(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଭାପୁର ସରସ୍ୱତୀ ଶିଶୁମନ୍ଦିର ନୂତନ କୋଠା ବୁଧବାର ଉଦଘାଟିତ ହୋଇଯାଇଛି। ଦୀର୍ଘ ୨୫ ବର୍ଷ ହେଲା ବିଦ୍ୟାଳୟ ଆଜବେଷ୍ଟସ ଘରେ ଚାଲୁ ଥିଲା। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଦ୍ୱିତଳ ନୂତନ କୋଠାଟି ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ, ଶହ ଶହ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ଏହି ପୂଜାରେ କର୍ତ୍ତା ଭାବେ ଚରଣ ସାହୁ କାର୍ଯ୍ୟ ତୁଲାଇଥିଲେ।

# ଅମଳ ସମୟରେ ମୁଗ ବିହନ ବଣ୍ଟନ

**ରଣପୁର,୧୧।୩(ସମିସ):** ସରକାର କୃଷିକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ରଣପୁର ବ୍ଲକ୍ କୃଷିବିଭାଗ ଅଧୀନରେ ଥିବା କୃଷକମାନଙ୍କୁ ମୁଗ ବିହନ ବଣ୍ଟନ କରାଯିବାରେ ବ୍ୟାପକ ଅନିୟମିତତା ହୋଇଛି। ବହୁ ବିଳମ୍ବରେ ମୁଗ ବିହନ ବଣ୍ଟନକୁ ନେଇ ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କ କହିବା ମୁତାବକ ରଣପୁର କୃଷିବିଭାଗ ଖଡିଆ, ରଙ୍କଦେଉଳି, ଡମସାହି ଓ ବଳଭଦ୍ରପୁର ପଞ୍ଚାୟତର ଚାଷୀଙ୍କୁ ଦିଆଯାଇଥିବା ମୁଗ ବିହନ ହେରାଫେର ହେଇଥିବା ବେଳେ ଅନ୍ୟ ଚାଷୀଙ୍କ ଚାଷ ଜମିରେ ହିତାଧିକାରୀଙ୍କୁ ଠିଆ କରି ଫଟୋ ଉଠାଇଥିବା ଲୋକେ ଅଭିଯୋଗ କରିଛନ୍ତି। ଜିଲ୍ଲା କୃଷି ଅଧିକାରୀଙ୍କୁ ଏ ଘଟଣାର ତଦନ୍ତ କରିବା ପାଇଁ ଫୋନ ଯୋଗେ ଯୋଗା ଯୋଗ କରାଯାଇଥିଲେ ବି ଜିଲ୍ଲା ଅଧିକାରୀ ବୁଝିକି କହିବେ ବୋଲି କହି ଆଉ ଫୋନ ଉଠାଇ ନଥିଲେ। ଚାଷୀ ଆଉ କାହାକୁ ଗୁହାରି କରିବେ ଓ ଦାବିପତ୍ର କାହାକୁ ଦେବେ କହି ନିରାଶ ହେଇ ଘରକୁ ଫେରିଥିଲେ। ଚାଷୀଙ୍କ ଅଭିଯୋଗ ମୁତାବକ ଚଳିତ ବର୍ଷ କୃଷି ବିଭାଗକୁ ଆସିଥିବା ମୁଗ ବିହନ କିଛି ନିର୍ଦ୍ଦିଷ୍ଟ ଅଣ ଚାଷୀଙ୍କୁ ଦିଆଯାଉଥିବା ବେଳେ ପ୍ରକୃତ ଚାଷୀଙ୍କୁ ଦିଆଯାଇ ନାହିଁ। ଖଡିଆ ପଞ୍ଚାୟତକୁ ମୁଗ ଅମଳ ସମୟରେ ତଥା ମାର୍ଚ୍ଚ ୯ ତାରିଖରେ ବହୁ ବିଳମ୍ବରେ ରଣପୁର କୃଷି ବିଭାଗ ମୁଗ ବିହନ ଦେଇଥିବା ଦେଖିବାକୁ ମିଳିଛି। କିଛି ଲୋକ କାଗଜପତ୍ର ଓ ଦସ୍ତଖତ ଜାଲ କରି ମୁଗ ବିହନ ହାତେଇ ନେଇଥିବା ମଧ୍ୟ ଅଭିଯୋଗ ହେଉଛି। ରଣପୁର କୃଷି ଅଧିକାରିଣୀଙ୍କୁ ଏ ବାବଦରେ ପଚାରିଲେ ସେ କିଛି ଜାଣି ନାହାନ୍ତି ବୋଲି ରୋକଠୋକ ମନା କରିଥିଲେ। ପରେ କିଛି ଚାଷୀ ରହିଯାଇଥିଲେ ବୋଲି କହିଥିଲେ। ଏ ପଟେ ଯେଉଁମାନେ ଅଭିଯୋଗ କରୁଛନ୍ତି ସେମାନଙ୍କୁ କିଛି ବିହନ ଧରେଇଦେଇ କୃଷି ବିଭାଗ ଲୁଚିଛନ୍ତି ବୋଲି ଚାଷୀ ଅଭିଯୋଗ କରୁଛନ୍ତି।

## ବିଦ୍ୟାଳୟରେ ତାଲା ପଡ଼ିବା ଘଟଣା

# ଛାତ୍ରଛାତ୍ରୀଙ୍କୁ ଚାଉଳ ଓ ଅର୍ଥ ପ୍ରଦାନ ଦାବି

**ଗଣିଆ,୧୧।୩(ସମିସ)**




ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଉପସ୍ଥାନ ସଂଖ୍ୟା ବଢାଇବା ପାଇଁ ସର୍ବଶିକ୍ଷା ଅଭିଯାନ ତରଫରୁ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଇଛି। ଏହି ଯୋଜନା ଦ୍ୱାରା ଅନେକ ଗରିବ ନିରୀହ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି। ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ବାବଦରେ ମୁଣ୍ଡପିଛା ୪ ଟଙ୍କା ୪ ପଇସା ଦିଆଯାଉଛି। ଏଥିରେ କେନ୍ଦ୍ର ସରକାରଙ୍କ ଅଂଶ ୨ ଟଙ୍କା ୬୯ ପଇସା ହୋଇଥିବାବେଳେ ରାଜ୍ୟ ସରକାର ୯୦ ପଇସା ଦେଉଛନ୍ତି। ଗଣିଆ ବ୍ଲକ ବେଲପଡାପାଟଣା ପ୍ରାଥମିକ ବିଦ୍ୟାଳୟରେ ଗତ ଫେବୃଆରୀ ମାସ ୪ରୁ ମାର୍ଚ୍ଚ ମାସ ୮ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପଡିଥିଲା। ମାର୍ଚ୍ଚ ୬ ତାରିଖ ଓ ୭ ତାରିଖରେ ହାଇସ୍କୁଲରେ ମୌଖିକ ପରୀକ୍ଷା ହେବା ସହିତ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଇଥିଲା। କିନ୍ତୁ ଫେବୃଆରୀ ୪ ତାରିଖଠାରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ପିଲାମାନଙ୍କର ମଧ୍ୟାହ୍ନଭୋଜନ ରନ୍ଧା ହୋଇନାହିଁ। ବିଗତ ଦିନରେ କରୋନାଠାରୁ ଆରମ୍ଭ କରି ଆଗୁଆ ଖରାଛୁଟି ସମୟରେ ପିଏମ୍ ପୋଷଣ ଯୋଜନା ଅଧୀନରେ ମଧ୍ୟାହ୍ନଭୋଜନ ବାବଦ ଚାଉଳ ଓ ରନ୍ଧନ ଖାଦ୍ୟ ସାମଗ୍ରୀ ବାବଦ ଅର୍ଥ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ବନ୍ଦ ଥିବା କାର୍ଯ୍ୟ ଦିବସଗୁଡିକୁ ହିସାବ କରି ଛାତ୍ରଛାତ୍ରୀଙ୍କୁ ଚାଉଳ ଓ ରନ୍ଧନ ଖାଦ୍ୟ ସାମଗ୍ରୀ ଅର୍ଥ ପ୍ରଦାନ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବିଆରସିସି ବିନୋଦିନୀ ପଣ୍ଡାଙ୍କୁ ପଚାରିବାରୁ ନୂତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସମସ୍ତ ଆନୁଷଙ୍ଗିକ କାଗଜପତ୍ର କାର୍ଯ୍ୟ ଶେଷ ହେବା ପରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଚାଉଳ ଓ ରନ୍ଧନ ଖାଦ୍ୟ ସାମଗ୍ରୀ ବାବଦ ଅର୍ଥ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଚାଉଳ ଓ ରନ୍ଧନ ଖାଦ୍ୟ ସାମଗ୍ରୀ ବାବଦ ଅର୍ଥ ପ୍ରଦାନ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।

## ବରିଷ୍ଠ ନାଗରିକଙ୍କୁ ମରଣାନ୍ତକ ଆକ୍ରମଣ



**ଖୋର୍ଦ୍ଧା,୧୧।୩(ସମିସ) :** ଶିଶ୍ଵାଞ୍ଚଳ ଥାନା ଅନ୍ତର୍ଗତ ନିଆଳ ଗ୍ରାମ ଛକରେ ଜନୈକ ଯୁବକ ମଦ ପିଇବାକୁ ଟଙ୍କା ନ ଦେବାରୁ ଗୁରୁଜଙ୍ଗସ୍ଥିତ ବରିଷ୍ଠ ନାଗରିକ ଲକ୍ଷ୍ମୀଧର ସାହୁଙ୍କୁ ଏକ ବାଉଁଶ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ମୁଣ୍ଡକୁ ପିଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିଥିଲେ। ଏ ନେଇ ତାଙ୍କ ପୁଅ ଜିତେନ୍ଦ୍ର ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଲକ୍ଷ୍ମୀଧର ଗତକାଲି ପୂର୍ବାହ୍ନ ୧୧ଟା ସମୟରେ କୌଣସି କାମରେ ନିଆଳ ଯାଇଥିଲେ। ଗାଁ ଛକରେ ଠିଆ ହୋଇଥିବା ବେଳେ ହଠାତ୍ ଉକ୍ତ ଗ୍ରାମ ଉପରସାହିର ଦିପୁ ନାମକ ଯୁବକ ତାଙ୍କ ନିକଟକୁ ଆସି ମଦ ପିଇବାକୁ ଟଙ୍କା ମାଗିଥିଲେ। ଲକ୍ଷ୍ମୀଧର ଏଥିରେ ମନା କରିବାରୁ ତାଙ୍କୁ ଅଶଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହଠାତ ତାଙ୍କ ଗାଲକୁ ଚାପୁଡା, ଲାତ ଗୋଇଠା ମାରିଥିଲେ। ପ୍ରତିବାଦ କରିବାରୁ ରାସ୍ତାରେ ପଡିଥିବା ଏକ ବାଉଁଶ ଠେଙ୍ଗାରେ ଆକ୍ରମଣ କରିବା ସହ ମୁଣ୍ଡକୁ ଜୋରରେ ପିଟି ଦେଇଥିଲେ। ଲକ୍ଷ୍ମୀଧରଙ୍କ ମୁଣ୍ଡ ଫାଟିଥିବାବେଳେ ତାଙ୍କ ବେକରୁ ସୁନା ଚେନ ଛିଡାଇ ନେବା ସହ ପୁଲିସକୁ ଜଣାଇଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

## ୧୫ରେ ଚତୁର୍ଥ ଜଟଣୀ ପଥ ଉତ୍ସବ

**ଜଟଣୀ, ୧୧।୩ (ସମିସ):** ଜଟଣୀ ବ୍ଲକ ଅଫିସଠାରେ ଜଟଣୀରେ ହେବାକୁ ଥିବା ଚତୁର୍ଥ ପଥ ଉତ୍ସବ ପାଇଁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ବିଜୁ ଛୋଟରାୟ ନେତୃତ୍ୱରେ ଏବଂ ଡ. ରୁଷି ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୧୫ତାରିଖ ରବିବାର ଦିନ ଜଟଣୀ ବିକାଶ ପରିଷଦ ଦ୍ୱାରା ପରିଚାଳିତ ୪ର୍ଥ ଜଟଣୀ ପଥ ଉତ୍ସବ ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ପଥ ଉତ୍ସବର ମୁଖ୍ୟ ଆବାହକ ରୁଷି ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଯେହେତୁ ଏବେ ଚାରିଆଡ଼େ ଦୋଳ ମେଳଣ ଚାଲିଛି ଆଉ ରଙ୍ଗର ଅବିର ଖେଳ ହଉଛି ତେଣୁ, ତାକୁ ଆଖି ଆଗରେ ରଖି ଜଟଣୀ ବାସୀଙ୍କୁ ସେହିଭଳି ଲାଗିଲା ଭଳି ଚତୁର୍ଥ ପଥ ଉତ୍ସବ ପାଳନ କରାଯିବ ମାର୍ଚ୍ଚ ୧୫ ତାରିଖ ରବିବାର ସକାଳ ୬ଟାରୁ ଦିନ ୧୦ଟା ପର୍ଯ୍ୟନ୍ତ, ଏଥର ଦୁଇଗୋଟି ମଞ୍ଚ ପ୍ରସ୍ତୁତ କରାଯାଉଛି, ଅନେକ ପାରମ୍ପରିକ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ରହିଛି। ଅନ୍ୟମାନଙ୍କ ସହିତ ସାଂସଦଙ୍କ ଜଟଣୀ ପ୍ରତିନିଧି ସତୀଶ ଶର୍ମା, ଜଟଣୀ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି କୈଳାସ ମହାପାତ୍ର, ଯୁଗ୍ମ ଆବାହ ଡ. ଉମାକାନ୍ତ ପଟ୍ଟନାୟକ, ରାଜୁ ପଟ୍ଟନାୟକ ଉପସ୍ଥିତ ଥିଲେ। ସବ୍ୟସାଚୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲା ପୁଲିସର ଅପରାଧ ନିୟନ୍ତ୍ରଣ ପଞ୍ଜିକା

# ବଢ଼ି ଚାଲିଛି ଠକେଇ ଓ ଚୋରି ମାମଲା

**ଖୋର୍ଦ୍ଧା,୧୧।୩(ସମିସ):** ଜିଲ୍ଲା ପୁଲିସ ଅଞ୍ଚଳରେ ବେଳକୁ ବେଳ ବଢି ଚାଲିଛି ଅପରାଧ। ଜିଲ୍ଲାର ୧୨ଟି ଥାନା ଅଞ୍ଚଳରେ ଠକେଇ ଓ ଚୋରି ମାମଲା ବଢିଚାଲିଥିବାବେଳେ ଦଙ୍ଗା, ହତ୍ୟା, ସିନ୍ଧିଚୋରି, ଡକାୟତି ମାମଲା ନିୟନ୍ତ୍ରଣାଧୀନ ରହିଛି। ମାତ୍ର ଜିଲ୍ଲାରେ ଦୁର୍ଘଟଣା ପରିବହନ ଓ ପୁଲିସର ମୁଣ୍ଡବିନ୍ଧାରର କାରଣ ହୋଇଛି। ୨୦୨୪ରେ ଜିଲ୍ଲା ପୁଲିସର ବିଭିନ୍ନ ଥାନା ଅଞ୍ଚଳରେ ୫୧୬୦ ମାମଲା ହୋଇଥିବାବେଳେ ଗତବର୍ଷ ଏହାର ସଂଖ୍ୟା ବୃଦ୍ଧି ହୋଇ ୫୫୩୪ରେ ପହଁଚିଛି। ତଥାପି ଅପରାଧ ଓ ଅପରାଧୀଙ୍କୁ ନିୟନ୍ତ୍ରଣ କରିବାର ପୁଲିସ ଏକ ପ୍ରକାର ବିଫଳ ହେଉଛି।

ଜିଲ୍ଲା ପୁଲିସର ଅପରାଧ ପଞ୍ଜିକା ତଥ୍ୟ କହୁଛି, ଗତ ୨୦୧୮ ମସିହା ଜିଲ୍ଲାବ୍ୟାପି ୨୧୪୪ମାମଲା, ୨୦୧୯ରେ ୨୪୩୮, ୨୦୨୦ରେ ୨୭୬୪, ୨୦୨୧ ରେ ୩୨୦୭, ୨୦୨୨ରେ ୪୪୫୬, ୨୦୨୩ରେ ୫୧୮୧, ୨୦୨୪ରେ ୫୧୬୦ ମାମଲା ରୁଜୁ ହୋଇଥିଲା। ମାତ୍ର ୨୦୨୫ରେ ଏହାସଂଖ୍ୟା ବୃଦ୍ଧି ପାଇ ୫୫୩୪ଛୁଇଁଛି।

୨୦୧୮ରେ ମୋଟ ୩୨ଜଣଙ୍କୁ ହତ୍ୟା କରାଯାଇଥିଲା। ୨୦୧୯ରେ ୩୫, ୨୦୨୦ରେ ୩୭ ରହିଥିଲା। ମାତ୍ର ହତ୍ୟା ମାମଲା ୨୦୨୧ରୁ କମିଥିବା ଦେଖାଯାଇଛି। ୨୦୨୧ରେ କମି ଏହା ୩୫ହୋଇଥିବାବେଳେ ୨୦୨୨ରେ ୨୭ ମାମଲା ହୋଇଥିଲା। ଯଦିଓ ୨୦୨୩ରେ ଏହା ବଢି ୩୩ରେ ପହଁଚିଥିଲା, ତଥାପି ୨୦୨୪ରେ ଏହି ମାମଲା କମି ୨୭ରେ ଥିଲା। ମାତ୍ର ୨୦୨୫ରେ ଏହି ମାମଲା ସଂଖ୍ୟା କମି ୧୩ରେ ସୀମିତ ରହିଥିଲା।

ଏହି କ୍ରମରେ ପୂର୍ବବର୍ଷମାନଙ୍କ ଅପେକ୍ଷା ସିନ୍ଧିଚୋରି ଗତ ଦୁଇବର୍ଷ ହେବ ବଢିଛି। ୨୦୨୪ରେ ୧୬୫ ସିନ୍ଧିଚୋରି ମାମଲା ହୋଇଥିବାବେଳେ ୨୦୨୫ରେ ଏହାର ସଂଖ୍ୟା କମି ୧୫୨ରେ ସୀମିତ ରହିଥିଲା। ୨୦୧୮ ରେ ଜିଲ୍ଲାରେ ୭୭ଟି ସିନ୍ଧିଚୋରି ମାମଲା ଥିବାବେଳେ ୨୦୧୯ରେ ଏହା ବଢି ୮୮ରେ ପହଁଚିଲା। ମାତ୍ର ୨୦୨୦ରେ କମି ୭୪ହୋଇଥିଲା। ୨୦୨୧ରେ ଏହି ମାମଲା ସଂଖ୍ୟା ବଢି ୧୧୧, ୨୦୨୨ରେ ୧୦୧ ଓ ୨୦୨୩ରେ ୧୪୨ ରେ ରହିଥିଲା। ମାତ୍ର ଠକେଇ ମାମଲାକୁ ନିୟନ୍ତ୍ରଣ କରିବାରେ ଜିଲ୍ଲା ପୁଲିସ ବିଫଳ ହୋଇଥିବା କୁହାଯାଉଛି।

### ପୂର୍ବବର୍ଷ ଅପେକ୍ଷା ବଢିଛି ୩୭୪ ମାମଲା

ଗତ ୮ବର୍ଷର ମାମଲାକୁ ଦେଖିଲେ ପ୍ରତିବର୍ଷ ଠକେଇ ମାମଲା ବଢିଛି। ୨୦୧୮ରେ ଠକେଇ ମାମଲା ୫୧ ଥିବାବେଳେ ଏହାପରଠାରୁ ବଢୁଛି ।୨୦୧୯ରେ ୬୯, ୨୦୨୦ରେ ୪୦, ୨୦୨୧ରେ ୫୯, ୨୦୨୨ରେ ୮୯ରେ ସିମିତ ଥିଲା । ମାତ୍ର ୨୦୨୩ରେ ଏହାର ସଖ୍ୟା ଅଧିକ ବୃଦ୍ଧିପାଇଥିଲା। ଉକ୍ତ ବର୍ଷ ଏନେଇ ବିଭିନ୍ନ ଥାନାରେ ୧୧୨ଟି ମାମଲା ହୋଇଥିଲା। ୨୦୨୪ରେ ୧୧୮ ଓ ୨୦୨୫ରେ ଏହି ମାମଲା ୧୨୦ରେ ପହଁଚିଛି।

ଡକାୟତି ମାମଲା ସଂଖ୍ୟା ପୂର୍ବବର୍ଷ ତୁଳନାରେ ଗତ ବର୍ଷ କମିଛି। ତଥାପି ଏହା ଉପରେ ଜିଲ୍ଲା ପୁଲିସର ପଦକ୍ଷେପକୁ ନେଇ ଜନସାଧାରଣ ନିରାଶ ହୋଇଥିବା ଜଣାଯାଇଛି।୨୦୧୮ ମସିହାରେ ମୋଟ ୨୦, ୨୦୧୯ରେ ୧୮, ୨୦୨୦ରେ ୧୬ଟି ଏବଂ ୨୦୨୧ରେ ଏହା ବଢି ୨୧ ଥିଲା । ପରେ ୨୦୨୨ରେ ଏହି ମାମଲା ସଂଖ୍ୟା ବୃଦ୍ଧିପାଇ ୨୪ ଥିଲା। ମାତ୍ର ୨୦୨୩ରୁ ଏହାକମି ୪ଟି ମାମଲାରେ ରହିଥିଲା। ୨୦୨୪ରେ ୬ଟି ଏବଂ ୨୦୨୫ରେ ୮ଟି ମାମଲା ହୋଇଛି। ଗତବର୍ଷ ଡକାୟତି ମାମଲାରେ ପୁଲିସ ୨୦ଜଣଙ୍କୁ ଗିରଫ କରିଛି।

ରାହାଜାନୀ ରୋକିବାରେ ପୁଲିସ ଏକ ପ୍ରକାର ସଫଳ ହୋଇଛି। ତେଣୁ ପୂର୍ବ ବର୍ଷ ଅପେକ୍ଷା ଗତବର୍ଷ ମାମଲା କମିଛି। ୨୦୧୮ ରେ ୭୭ଟି ରାହଜାନୀ ସମ୍ପର୍କିତ ମାମଲା ରୁଜୁ ହୋଇ ଥିବାବେଳେ ୨୦୧୯ରେ ୮୮, ୨୦୨୦ରେ ମାତ୍ର ୪୫ଟି, ୨୦୨୧ ରେ ଏହା ବଢି ୫୯, ୨୦୨୨ରେ ୬୯ ରହିଥିଲା। ମାତ୍ର ୨୦୨୩ରୁ ଏହି ମାମଲା କମିଛି। ୨୦୨୩ ରେ ୪୯ ଓ ୨୦୨୪ରେ ୪୬ଟି ମାମଲା ରହିଥିଲା। ମାତ୍ର ଗତବର୍ଷ ଏହି ମାମଲା ସଂଖ୍ୟା ମଧ୍ୟ କମିଛି। ଅର୍ଥାତ୍ ଗତବର୍ଷ ୩୬ଟି ରାହଜାନୀ ସମ୍ପର୍କିତ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଥିବା ଜିଲ୍ଲା ପୁଲିସ ତଥ୍ୟ କହୁଛି।

ଚୋରି ମାମଲାରେ ଗ୍ରାଫ୍ ଗତବର୍ଷ ଉପରମୁହାଁ ହୋଇଛି। ୨୦୧୮ରେ ୧୬୧, ୨୦୧୯ରେ ୧୮୫, ୨୦୨୦ରେ ୨୪୪, ୨୦୨୧ରେ ୩୬୪ ମାମଲା ଥିଲା। ୨୦୨୨ରେ ଏହି ମାମଲା ସଂଖ୍ୟା ବୃଦ୍ଧି ପାଇ ୬୧୧ରେ ପହଁଚିଥିଲା। ପରେ ୨୦୨୩ରେ ୬୯୧ ଛୁଇଁଥିଲା। କିନ୍ତୁ ୨୦୨୪ରେ ଏହି ମାମଲା ସଂଖ୍ୟା ୪୮୮ କୁ ଖସିଥିଲା। ମାତ୍ର ୨୦୨୫ରେ ଏହି ଗ୍ରାଫ ଉପରମୁଁହା ହୋଇଥିଲା। ଉକ୍ତବର୍ଷ ମାମଲା ସଂଖ୍ୟା ବୃଦ୍ଧି ପାଇ ୬୩୫ରେ ପହଁଚିଥିଲା।

ସେହିପରି ଦୁଷ୍କର୍ମ ମାମଲା ପୂର୍ବବର୍ଷ ଅପେକ୍ଷା ଗତବର୍ଷ କମିଛି। ୨୦୧୯ରେ ୪୬ଟି, ୨୦୨୦ରେ ୫୯, ୨୦୨୧ରେ ୬୦, ୨୦୨୨ ରେ ୫୩, ୨୦୨୩ରେ ୫୭ ଓ ୨୦୨୪ରେ ୬୨ଟି ମାମଲା ରହିଥିଲା। ମାତ୍ର ଗତବର୍ଷ ଏହାର ସଂଖ୍ୟା ୪୮ରେ ସୀମିତ ରହିଛି। ଦଙ୍ଗାରେ କିନ୍ତୁ ପୂର୍ବବର୍ଷ ଅପେକ୍ଷା ଗତବର୍ଷ ମାମଲା ସଂଖ୍ୟା କମିଛି। ୨୦୧୮ ଓ ୨୦୧୯ରେ ଏହି ମାମଲା ସଂଖ୍ୟା ୩୭ଥିବାବେଳେ ୨୦୨୦ରେ ୨୪, ୨୦୨୧ରେ ୨୩, ୨୦୨୨ରେ ୩୫, ୨୦୨୩ରେ ୩୪, ୨୦୨୪ରେ ୭୨ ଏବଂ ୨୦୨୫ ରେ ୨୨ଟି ମାମଲା ହୋଇଥିବା ଏସ୍ପିଙ୍କ କାର୍ଯ୍ୟାଳୟ ତଥ୍ୟ କହୁଛି।

ରାସ୍ତା ଦୁର୍ଘଟଣାରେ ମଧ୍ୟ ଗତବର୍ଷ ମାମଲା ବଢିଛି। ୨୦୧୮ ରେ୨୭୨,୨୦୧୯ରେ୨୭୫ଥିବାବେଳେ ୨୦୨୦ ଓ ୨୦୨୧ରେ ଏହି ମାମଲା ସଂଖ୍ୟା ୨୨୬ ଓ ୨୦୨୨ରେ ୨୬୪ରେ ସୀମିତ ଥିଲା। ମାତ୍ର ୨୦୨୩ରୁ ମାମଲା ସଂଖ୍ୟା ବୃଦ୍ଧିହୋଇ ୩୭୧, ୨୦୨୪ରେ କମି ୩୫୦ ଓ ୨୦୨୫ରେ ୩୬୦ଟି ମାମଲା ରୁଜୁ ହୋଇଛି। ମୋଟାମୋଟି ଭାବେ ୨୦୨୫ରେ ମିସକେଶ ସଂଖ୍ୟା ବଢିଛି। ଅର୍ଥାତ୍ ୫୫୩୪ଟି ମିସ୍ କେସ୍ ରୁଜୁ ହୋଇଛି। ଯାହା ୨୦୨୪ରେ ୩୮୨୬ ଥିବାବେଳେ ୨୦୨୩ରେ ୩୬୮୮, ୨୦୨୨ରେ ୩୧୮୩, ୨୦୨୧ରେ ୨୨୪୯, ୨୦୨୦ରେ ୧୯୯୯, ୨୦୧୯ରେ ୧୬୨୮ ଏବଂ ୨୦୧୮ ରେ ୧୩୫୪ ରହିଥିଲା।

ଆଇନଶୃଙ୍ଖଳା ରକ୍ଷା କ୍ଷେତ୍ରରେ ପୁଲିସ ବିଭାଗ କ୍ରୀୟାଶୀଳ ରହିଛି। ସେହିପରି ଅପରାଧ ରୋକିବାକୁ ପାଟ୍ରୋଲିଂ କଡାକଡି କରାଯାଉଥିବା କହିବା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିୟମିତ ଯାଞ୍ଚ ହେଉଥିବା ଏସ୍ପି କହୁଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ପୁଲିସ ତା'ର ସଫଳତା ପଞ୍ଜିକା ଦେଖାଉଥିଲେ ମଧ୍ୟ ଆଜି ବି ଅନେକ ମାମଲାର ଚାଜସିଟ୍ କୋର୍ଟରେ ଦାଖଲ ହୋଇନଥିବା ବେଳେ ଉଭୟ ଅପରାଧ ଏବଂ ଅପରାଧି ସଂଖ୍ୟା ଥମିବାର ନାଁ ଧରୁନି। ଯାହାକୁ ନେଇ ଜିଲ୍ଲା ପୁଲିସ କାର୍ଯ୍ୟଦକ୍ଷତା ଉପର ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କରେ ବୟସ୍କ ଲୋକଙ୍କୁ ମିଳୁନି ସୁବିଧା

**ଟାଙ୍ଗୀ, ୧୧।୩ (ସମିସ):** ସରକାରୀ ଘୋଷଣାନାମା ଓ ତାହାର କାର୍ଯ୍ୟକାରିତାକୁ ନେଇ ଆକାଶ ପାତାଳ ଭେଦ ଭାବ ପରିଲକ୍ଷିତ ହେଉଛି। ବିଭିନ୍ନ ସରକାରୀ ଓ ବ୍ୟାଙ୍କ ସମେତ ଅନ୍ୟାନ୍ୟ ବେସରକାରୀ ପ୍ରତିଷ୍ଠାନ ଗୁଡିକରେ ବୟସ୍କ ଲୋକଙ୍କ କାମକୁ ଅଗ୍ରାଧିକାର ଭିତ୍ତିରେ କରିବାର ସରକାରୀ ଘୋଷଣାନାମା ରହିଛି। କିନ୍ତୁ ଗ୍ରାମାଞ୍ଚଳର କୌଣସି ଦପ୍ତର ରେ ଏହା ଆଦୌ କାର୍ଯ୍ୟକାରୀ ହେଉ ନ ଥିବ ସଙ୍ଗୀନ ଅଭିଯୋଗ ହେଉଛି। ଗତ ସୋମବାର ପୂର୍ବାହ୍ନରେ ଜଣେ ବୟସ୍କା ମଧୁମେହରେ ପୀଡିତା ମହିଳା ରୋଗୀ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ନାମ ପଞ୍ଜୀକରଣ କରିବା ପାଇଁ ସେ ଭିଡରେ ବହୁ ସମୟ ଧାଡିରେ ଠିଆ ହୋଇଥିଲେ। ନିଜର ଦୁର୍ବଳତା ଯୋଗୁ ସେ ଅଚେତ ହୋଇ ତଳେ ପଡି ଯାଇଥିଲେ। ବୟସର ଅପରାହ୍ନ ରେ ପହଞ୍ଚିଥିବା ଏହି ମହିଳାଙ୍କୁ ଯଦି ସୁଯୋଗ ଦିଆଯାଇଥାନ୍ତା ତେବେ ହୁଏତ ଏପରି ଅଘଟଣ ଘଟି ନ ଥାଆନ୍ତା। ତେବେ କର୍ମଚାରୀ ଅଭାବରୁ ହେଉ ଅବା ରୋଗୀ କଲ୍ୟାଣ ସମିତିର ଦୂର ଦୃଷ୍ଟି ଅଭାବ ରୁ ସେପରି ସ୍ୱତନ୍ତ୍ର ସୁବିଧା ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ କରାଯାଇ ନ ଥିବା ଜଣା ପଡିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କେତେକ ପ୍ରତ୍ୟକ୍ଷ ଦର୍ଶୀଙ୍କ ସୂଚନା ମୁତାବକ ସେ ମହିଳାଙ୍କ ପାଖରେ ବରିଷ୍ଠ ନାଗରିକ ପରିଚୟ ପତ୍ର ଥିଲେ ଅବା ସେ ସୁବିଧା ପାଇପାରିଥାନ୍ତେ। ଉଲ୍ଲେଖଯୋଗ୍ୟ, ଯେଉଁମାନେ ଶିକ୍ଷିତ ଓ ସଚେତନ, ସରକାରୀ ନୀତିନିୟମ ସମ୍ପର୍କରେ ଜାଣନ୍ତି ସେମାନେ ସ୍ଥାନୀୟ ପୁଲିସ ପ୍ରଶାସନ ସହିତ ଯୋଗାଯୋଗ ରଖି ବରିଷ୍ଠ ନାଗରିକ ପରିଚୟ ପତ୍ର କରାଇ ନେଉଛନ୍ତି। ସଂଗଠନ ମାଧ୍ୟମରେ ଏହା ହାସଲ କରିବା ସହଜ ହେଉଛି। ଗରିବ, ଖଟିଖିଆ, ଦିନ ମଜୁରିଆ, କୃଷକ, ବୁଲାବିକାଳି ଙ୍କ ପାଖରେ ଏହି ପରିଚୟ ପତ୍ର ରହିଚିକି, ସେମାନେ କଣ ବରିଷ୍ଠ ନାଗରିକ ନୁହନ୍ତି କି, ସେମାନଙ୍କ ପାଇଁ କୌଣସି ସଂଗଠନ କିମ୍ବା ପୁଲିସ ପ୍ରଶାସନ ଚିନ୍ତା କରିଛନ୍ତି କି , ତେଣୁ ବରିଷ୍ଠ ନାଗରିକ ଓ ବୟସ୍କ ନାଗରିକ ମଧ୍ୟରେ ସରକାରଙ୍କ ଅପରିଣାମଦର୍ଶୀ ନୀତି ଯୋଗୁ ଏକ ଲକ୍ଷ୍ମଣ ରେଖା ରହିଛି ବୋଲି ବୁଦ୍ଧିଜିବୀ ମତବ୍ୟକ୍ତ କରିଛନ୍ତି। ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆସୁଥିବାରୁ ବୟସ୍କ ନାଗରିକମାନଙ୍କ ପାଇଁ ଯଥେଷ୍ଟ ପ୍ରାଥମିକତା ରହିଛି। ଆଜିର ଏହି ଅଭାବନୀୟ ଘଟଣା ସମ୍ପର୍କରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିନଟେଣ୍ଡେଣ୍ଟ ଡଃ ସତ୍ୟରଞ୍ଜନ ନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏଥି ପାଇଁ ବ୍ୟବସ୍ଥା କରିବେ ବୋଲି ମତ ଦେଇଛନ୍ତି। ଟାଙ୍ଗୀ ଚାନ୍ଦପୁର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ପ୍ରତିଷ୍ଠାନର କର୍ତ୍ତୃପକ୍ଷ ଆବଶ୍ୟକ ବ୍ୟବସ୍ଥା କରିବାକୁ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ଓ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଦାବି କରିଛନ୍ତି।

## ହରିରାଜପୁର ମେଳଣ ପଡ଼ିଆରେ ରାଜ୍ୟସ୍ତରୀୟ କବିତା ଆସର



**ଜଟଣୀ, ୧୧।୩ (ସମିସ):** ପଶ୍ଚିମାଶସ୍ତ୍ର ଯୁବ ସଂଗଠନ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଓଡିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚୁଦୋଳ ମେଳଣ ପଡିଆର ପିତାପାଣିଆ ମଞ୍ଚରେ ରାଜ୍ୟସ୍ତରୀୟ କବିତା ଆସର ଓ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ଭିକାରୀ ଧଳଙ୍କ ସଭାପତିତ୍ୱରେ ଏହି ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଡ଼ ଅରବିନ୍ଦ ରାୟ, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଲେଖକ ଅଜୟ ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଂଜୟ କୁମାର ଛୁଆଲସିଂହ, ସ୍ତମ୍ଭକାର ଅର୍ଜୁନ ଘଡାଇ, ପ୍ରାବନ୍ଧିକ ରଘୁନାଥ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜବାହରଲାଲ ସୁବୁଦ୍ଧି, ପଶ୍ଚିମାଶସ୍ତ୍ର ଯୁବ ସଂଗଠନର ସଂପାଦକ ବାସୁଦେବ ସାହୁ ଯୋଗଦେଇ ସମବେତ ସାହିତ୍ୟିକ ମାନଙ୍କୁ କଥା ମାଧ୍ୟମରେ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ସର୍ବପ୍ରଥମେ ବାର୍ଷିକ ମୁଖପତ୍ର "ପଞ୍ଚୁଦୋଳ ପ୍ରସଙ୍ଗ' ଉନ୍ମୋଚିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ସେନାପତି, ପ୍ରଧାନଶିକ୍ଷୟିତ୍ରୀ ଶୁଭସ୍ମିତା ପାଟଯୋଶୀ, ସମାଜସେବୀ ଦେବାଶିଷ ପାତ୍ର, ବିଭୂତିଭୂଷଣ ସ୍ୱାଇଁ, କରୁଣାକର ପ୍ରଧାନ ଙ୍କୁ ସଂଗଠନ ତରଫରୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ କବି ଲେଖକ ସ୍ୱରଚିତ କବିତାମାନ ପାଠ କରିଥିଲେ। କବିତା ଆସରକୁ ସଂଯୋଜନା କରିଥିଲେ କବି ବିପିନ୍ ବେହେରା ଓ ଡ. ରଜନୀ ରଣସିଂହ। ମେଳଣ ପରିଚାଳନା କମିଟିର ସଦସ୍ୟ ବିଜୟ ଜେନା ଓ ମାନସ ମଙ୍ଗରାଜଙ୍କୁ ସମ୍ମାନିତ କରାଯାଇଥିଲା। ସଭା ପରିଚାଳନାରେ ସହଯୋଗ କରିଥିଲେ ଶିକ୍ଷୟିତ୍ରୀ ବିଚିତ୍ରା ବେହେରା, ନିଶ୍ୱସ୍ମିତା ପ୍ରିୟଦର୍ଶିନୀ ଓ ସନ୍ତୋଷ ମହାପାତ୍ର ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ ନରେନ୍ଦ୍ର କୁମାର ମୁଦୁଲି।

## ବିଦ୍ୟାଳୟରୁ ପାଣି ପମ୍ପ ଚୋରି

**ନିରାକାରପୁର,୧୧।୩ (ସମିସ):** ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ଥାନା ଅନ୍ତର୍ଗତ ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗତ ରାତିରେ ପାଣି ଉଠାଇବା ପାଇଁ ବ୍ୟବହୃତ ସବମର୍ସିବଲ ପମ୍ପ ଚୋରି ହୋଇଛି। ଫଳରେ ବିଦ୍ୟାଳୟର ପାଣି ଯୋଗାଣ ବ୍ୟବସ୍ଥା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଘଟଣା ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ନିରାକାରପୁର ଥାନାରେ ଅଭିଯୋଗ ଦାଖଲ କରାଯାଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ବିଦ୍ୟାଳୟ ପ୍ରଶାସନ ମଧ୍ୟ ଶୀଘ୍ର ପମ୍ପ ପୁନଃସ୍ଥାପନ କରି ଛାତ୍ରଛାତ୍ରୀଙ୍କ ପାଇଁ ପାଣି ସୁବିଧା ସାଧାରଣ କରିବାକୁ ବିଭାଗୀୟ ଅଧିକାରୀ ଓ ଡିଆ ପଞ୍ଚାୟତର ସରପଞ୍ଚଙ୍କୁ ଅନୁରୋଧ କରିଛି। ପ୍ରକାଶ ଥାଉ କି ଗତ ସପ୍ତାହରେ ବିଦ୍ୟାଳୟ ସାମନାରୁ ଏକ ଟ୍ରାନ୍ସଫର୍ମର ଚୋରି ହୋଇଥିଲା।

## ମା' ଉଗ୍ରତାରାଙ୍କ ହୁଣ୍ଡିରୁ ମିଳିଲା ୧୦ ଲକ୍ଷ ଅର୍ପଣ ଅର୍ଥ

**ଟାଙ୍ଗୀ/ନିରାକାରପୁର,୧୧।୩ (ସମିସ):** ଓଡିଶା ପ୍ରସିଦ୍ଧ ତନ୍ତ୍ର ପୀଠ ଭାବେ ପରିଚିତ ଖୋର୍ଦ୍ଧା ଜିଲ୍ଲା ମୂଳିଝରଗଡ଼ବାସିନୀ ମା ଉଗ୍ରତାରା ଦେବୀଙ୍କର ଦାନ ହୁଣ୍ଡି ଆଜି ଖୋଲା ଯାଇଛି। ମା' ଉଗ୍ରତାରାଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ପୂଜାର୍ଚ୍ଚନା କରାଯାଇ ଦାନ ହୁଣ୍ଡି ଖୋଲା ଯାଇଥିଲା। ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ରଙ୍କ ଉପସ୍ଥିତିରେ ଖୋଲା ଯାଇଥିବା ଦାନ ହୁଣ୍ଡିକୁ କଡା ସୁରକ୍ଷା ମଧ୍ୟରେ ନିଆଯାଇଥିଲା ମନ୍ଦିର ପ୍ରଶାସନର କାର୍ଯ୍ୟାଳୟ ପରିସର ମଧ୍ୟକୁ। ଏହା ପରେ ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ, ଟାଙ୍ଗୀ ବ୍ଲକ କର୍ମଚାରୀ ନିତ୍ୟାନନ୍ଦ ବେହେରା, ମନ୍ଦିର ଟ୍ରଷ୍ଟିର କୁମର ପାତ୍ର, ସୁବ୍ରତ ସାମନ୍ତରାୟ, ସରପଞ୍ଚ କିଶୋର କୁମାର ରାଉତରାୟଙ୍କ ସହ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ଉପସ୍ଥିତିରେ ଦାନ ହୁଣ୍ଡି ଗଣତି କରା ଯାଇଥିଲା। ଦାନ ହୁଣ୍ଡି ଗଣତି ପରେ ଭକ୍ତ ମାନଙ୍କର ଦାନରୁ ମୋଟ ୧୦ ଲକ୍ଷ ୪୧ ହଜାର ୬୨୦ ଟଙ୍କା ମିଳିଥିବା ଜଣା ପଡିଛି। ଦାନ ସୂତ୍ରରେ ମିଳିଥିବା ଟଙ୍କାକୁ ମା'ଙ୍କ ନାମରେ ଥିବା ଜମା ଖାତାରେ ରଖାଯିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



## ପୂର୍ବତନ ସରପଞ୍ଚଙ୍କ ବିୟୋଗ



**ବେଗୁନିଆ,୧୧।୩ (ସମିସ):** ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପଦ୍ମନାଭ ଖାଡଙ୍ଗା (୭୪) ଙ୍କ ହୃଦଘାତ୍ ଯୋଗୁଁ ନିଜ ପୈତୃକ ଗ୍ରାମ କୋକୋସିଂହସ୍ଥିତ ବାସ ଭବନରେ ପରଲୋକ ହୋଇ ଯାଇଛି। ସ୍ୱର୍ଗତ ଶ୍ରୀ ଖାଡଙ୍ଗା ୨ ଥର ସରପଞ୍ଚ, ଡାଲଡୋଳା ସେବା ସମବାୟ ସମିତିର ସଭାପତି ୩ ଥର ଓ କଂଗ୍ରେସ ଦଳର ବ୍ଲକ ସଭାପତି ୧ ଥର ରହି ଅଞ୍ଚଳର ବହୁ ଉନ୍ନତି ମୂଳକ କାର୍ଯ୍ୟ କରି ପ୍ରିୟଭାଜନ ହୋଇ ପାରିଥିଲେ। ସେ ମେଳାପି, ପରୋପକାରୀ ଓ ଦୟାଳୁ ବ୍ୟକ୍ତି ଜଣାଶୁଣା ଥିବାରୁ ମୃତ୍ୟୁ ଖବର ପାଇ ବିଧାୟକ ପ୍ରଦୀପ କୁମାର ସାହୁ, ବିଧାୟକ ପ୍ରାର୍ଥି ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଓ ସରପଞ୍ଚ ଅକ୍ଷୟ କୁମାର ରାଉତରାୟଙ୍କ ସମେତ ବହୁ ବ୍ୟକ୍ତି ପହଁଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗ ଦ୍ୱାରରେ ଏକମାତ୍ର ପୁତ୍ର ଅରୁଣ କୁମାର ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା।

# ଆଙ୍କୁଲାଚଟିରେ ସପ୍ତଦୋଳ ମେଳଣ



**ଚିଲିକା,୧୧।୩ (ସମିସ):** ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଆଙ୍କୁଲାଚଟି ସପ୍ତଦୋଳ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି ପ୍ରସିଦ୍ଧ ସପ୍ତଦୋଳ ମେଳଣ। ପୌରାଣିକ ତଥା ଐତିହାସିକ ଶୋଲରି ପାହାଡ଼ର ପାଦଦେଶରେ କାହିଁ କେଉଁ କାଳରୁ ପାଳନ ହୋଇ ଆସୁଛି ଏହି ସପ୍ତଦୋଳ ମେଳଣ ଯାତ୍ରା। ଦୈତ୍ୟରାଜ ବାଣାସୁରର ତପସ୍ୟା ସ୍ଥଳୀ ଶୋଲରି ଶାମୁକା ସ୍ଥଳୀର ପାଦଦେଶରେ ପାଳିତ ହେଉଥିବା ଏହି ଯାତ୍ରା ଉତ୍ସବ ମହାସମାରୋହରେ ପଞ୍ଚୁପଲ୍ଲୀ ସୀମା ଗ୍ରାମବାସୀ ମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ଚଳିତ ବର୍ଷ ଦର୍ଶକଙ୍କ ସମାଗମ ବେଶ୍ ପରିଲକ୍ଷିତ ହୋଇଥିବାର ଦେଖାଯାଇ ଥିଲା। ସପ୍ତମୀ ଦିନ ରାତିରେ ମାହେନ୍ଦ୍ର ବେଳାରେ ଗାଦିଶ୍ୱର ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ମୁଖ୍ୟ ଅତିଥି ଭାବରେ ଆସୁଥିବା କଳିଯୁଗେଶ୍ୱର ମହାଦେବ ପାଟ ପଟୁଆର ସହିତ ଆସିଥିଲେ। ବାଲୁଙ୍କେଶ୍ୱର ଦେବଙ୍କ ଠାରୁ ଆଜ୍ଞାମାଳ ନେଇ କଳିଯୁଗେଶ୍ୱର ଦେବଙ୍କୁ ପାଛୋଟି ଆଣିଥିଲେ କମିଟିର ସଂପାଦକ ଓ ସଦସ୍ୟ ବୃନ୍ଦ। ଉଭୟ ଠାକୁର ନିଜନିଜ ଆସନରେ ଉପବେସନ କରିବା ପରେ ଅନ୍ୟ ଠାକୁର ମାନେ ଯଥାରୀତି ନିଜ ନିଜର ଆସନ ଅଳଙ୍କୃତ କରିଥିଲେ। ଗାଦିଶ୍ୱର ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ କଳିଯୁଗେଶ୍ୱର ଦେବ, ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ଆଜ୍ଞାମାଳ, ସୀଙ୍ଗିନାଥ ଦେବ ସିଙ୍ଗେଶ୍ୱର, କୁଞ୍ଜବିହାରୀ ଦେବ ସିଙ୍ଗେଶ୍ୱର, କୁଞ୍ଜବିହାରୀ ଦେବ ସିଙ୍ଗେଶ୍ୱର ମଠ ଠାକୁର, ଲକ୍ଷ୍ମୀନାରାୟଣ ଦେବ ପାଇକକୁଷଡିହ, ଗୋପିନାଥ ଦେବ ପ୍ରଣଦେଇପୁର, ଜଳେଶ୍ୱର ଦେବ ଖଣ୍ଡୁଆଳକୋଟ, ଗୋପାଳଜୀଉ ଦେବ ଧୂଆଁଳ, ରାଧାମୋହନ ଦେବ ପାଇକକୁଷଡିହ, ରାଧାମୋହନ ଦେବ କୋତରୀ, ରାଧାମୋହନ ଦେବ ବିଷ୍ଣୁଡ଼ିହ, ରାଧାମୋହନ ଦେବ ପାରିକଂସାରୀ, ରାଧାମୋହନ ଦେବ କୁମାଣ୍ଡୋଳ, ଦଧିବାମନ ଦେବ ଦାମୋଦର ପୁର, ଗୋପିନାଥ ଦେବ ବ୍ରାହ୍ମଣକୁଷଡିହ, ପାର୍ବତୀ ଦେବୀ ବ୍ରାହ୍ମଣକୁଷଡିହ, ବୃନ୍ଦାବନଚନ୍ଦ୍ର ଦେବ ସାମନ୍ତସିଂହାର ପୁର, ସୋମନାଥ ଦେବ ରାହାଣବେଲି, ଗୁପ୍ତେଶ୍ୱର ଦେବ ରଘୁନାଥପୁର, ଗିରିଧାରୀ ଦେବ ରାହାଣବେଲି ଠାକୁର ଉପବେଶନ ହୋଇଥିଲେ। ପ୍ରାୟତଃ ଗ୍ରାମବାସୀ ଠାକୁର ମାନଙ୍କୁ ବେଶ୍ ଭଲ ଭାବରେ ସୁସଜ୍ଜିତ କରି ପାଟ ପଟୁଆର ସହିତ ଆସିଥିଲେ। ସିଖରପଦର ଗ୍ରାମବାସୀଙ୍କ ତତ୍ତ୍ୱାବଧାନ ଓ ସହଯୋଗରେ ଏ ବର୍ଷର ଏହି ସପ୍ତଦୋଳ ଯାତ୍ରା ଉତ୍ସବରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ମନୋରଂଜନ ନିମିତ୍ତ ଖାସ୍ କରି ରାମ ନାଟକ ପରିବେଷଣ କରାଯାଉଛି। ସପ୍ତଦୋଳ ମେଳଣ ଅପରାହ୍ନ ପାଞ୍ଚଟାରେ ବେଶ୍ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଥିବା ବେଳେ ଠାକୁର ମାନଙ୍କର ବିଦାୟ ମେଲାଣି ବହୁତ ମନଲୋଭା ହୋଇଥିଲା। ୨୨ ବିମାନ ଓ ଚଉଦଳରେ ବିରାଜ ମାନ ଠାକୁର ମାନେ ବିଦାୟ ମେଲାଣି ମାଗି ଯିବାର ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ହୃଦୟସ୍ପର୍ଶୀ ଥିଲା। ସାତ ଘେରା ମେଳଣ ସରିବା ପରେ ଗାଦିଶ୍ୱର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ଠାରୁ ଜଣକପରେ ଜଣେ ଠାକୁର ଆସନ୍ତା ବର୍ଷ କୁ ଏକାଠି ହେବାକୁ ବିଦାୟ ନେଇ ଫେରିଯାଇଥିଲେ ପୁଣି ବର୍ଷକର ଅପେକ୍ଷାରେ। ପଞ୍ଚୁପଲ୍ଲୀ ସୀମା ସପ୍ତଦୋଳ କମିଟି ଓ ଶିଖରପଦର ଗ୍ରାମବାସୀଙ୍କର ମିଳିତ ସହଯୋଗରେ ସପ୍ତଦୋଳ ଯାତ୍ରା ବେଶ୍ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦନ ହୋଇଥିବା ଜଣାଯାଇଛି। ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା,ପୋଲିସ୍ ବାହିନୀ ଓ ବାଲୁଗାଁ ଏସଡ଼ିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ବେଳେ ସାଧାରଣ ପ୍ରଶାସନ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରାଯାଇଥିଲା।

## ସଡ଼କ ସୁରକ୍ଷା ସମ୍ପର୍କିତ ଡିଜିଟାଲ ପ୍ରଦର୍ଶନ




**ବାଣପୁର,୧୧।୩(ସମିସ) :** ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଡିଜିଟାଲ ଭିଡିଓ ପ୍ରଦଶନ ମାଧ୍ୟମରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁର ପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ଭିଡିଓ ପ୍ରଦର୍ଶନ କରାଯାଇ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିବା ବେଳେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥୀ ବେଦମତ୍ତା, କ୍ୟାପଟେନ ଡ. ଗୁରୁକିଶୋର ନାୟକ, ଅଧ୍ୟାପକ ହିଟଲର ବେହେରା, ଅଧ୍ୟାପିକା ଡ. ଲକ୍ଷ୍ମୀପ୍ରୀୟା ପଲେଇ ଓ ପ୍ରତିଭା ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ନୀତି ନିୟମ, ହେଲମେଟ ଲଗାଇ ଗାଡି ଚଳାଇବା, ଗାଡି ଚଳାଇବା ବେଳେ ଫୋନ ବ୍ୟବହାର ନ କରିବା, ଦ୍ରୁତ ଗତିରେ ଗାଡି ନ ଚଲେଇବା ଆଦି ବିଭିନ୍ନ ନିୟମ ସମ୍ପର୍କରେ ବହୁ ମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ। କାର୍ଯ୍ୟାଳୟ ସହାୟକ ଆଦିତ୍ୟ କୁମାର ସାହୁ ଡିଜିଟାଲ ଭିଡିଓ ପରିଚାଳନାରେ ସହଯୋଗ କରିଥିଲେ।

